Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 10
Saturday, 14 March 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୪ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୩ (ଆ.ପ୍ର) : ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ । ଚାଷୀମାନଙ୍କର ଉନ୍ନତି ଦିଗ ଦେଖି କିମ୍ବା ରାଜ୍ୟର କିଛାଣ ଅଞ୍ଚଳକ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓଖୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ଂଚାୟତ, ପ୍ୟାଞ୍ଚ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ୍-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ

କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ । ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍.କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି । ଏହି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ଂଚାୟତ, ପ୍ୟାଞ୍ଚ ଓ ମଣ୍ଡିରେ ମଧ୍ୟ ପାଳନ କରାଯାଇଛି । ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଛି । ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଲାଭଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି । ପି.ଏମ୍ କିଷାନ ଯୋଜନାରେ ବର୍ତ୍ତମାନ ହେଉଥିବା ସମସ୍ତ ବାଧାବିଘ୍ନକୁ ମାନଦଣ୍ଡ ଯଥା ଚ-ଉଶର, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଂଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଲାଭ ଉଭୟଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ପି.ଏମ୍ କିଷାନ୍ ସହିତ ଆମ ସରକାର ମଧ୍ୟ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀ ଲାଭଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (PVTG) ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଂଚଳର ଚାଷୀ ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ବିଭାଗ ଯୋଜନା ଅଧୀନରେ ୫୩.୬୬ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପାଇଛନ୍ତି ।

ଇରାନ୍ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଏସ୍ ଜୟଶଙ୍କର

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ଇରାନ ଓ ଭାରତର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା । ଗାଧାର ସଙ୍କଟ ଏବଂ ପଶ୍ଚିମ ଇରାନ୍‌ଥିବା ଜାହାଜ ମଧ୍ୟରେ ଇରାନ ଏବଂ ଭାରତ ମଧ୍ୟରେ ଆଲୋଚନା ହୋଇଛି । ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚି ଏବଂ ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ହୋଇଥିଲା । ଏହା ଜୟଶଙ୍କରଙ୍କର ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ ଚତୁର୍ଥ ଆଲୋଚନା । ଆରାଘଚି କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ, ଜଳଡଗଡ଼ ଭଳି ଏକ ସ୍ଥାନ୍ତର୍ମମ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ବିଶ୍ୱରେ ସ୍ଥିରତା ଏବଂ ସୁରକ୍ଷା ବଜାୟ ରଖିବାରେ ଏକ ଗଠନମୂଳକ ଭୂମିକା ଗ୍ରହଣ କରିବା ଉଚିତ । ଏସ. ଜୟଶଙ୍କର କହିଛନ୍ତି, ଭାରତ ଆଂଚଳିକ ଏବଂ ଅନ୍ତର୍ଜାତୀୟ ମଂଚରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗ ବୃଦ୍ଧି କରିବାକୁ ପ୍ରସ୍ତୁତ । ସେ ଏହି ଅଂଚଳରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତାକୁ ସମ୍ମତ ଦେଶ ପାଇଁ ଏକ ସାଧାରଣ ଆବଶ୍ୟକତା ବୋଲି ବର୍ଣ୍ଣନା କରିଛନ୍ତି । ସେପଟେ ଇରାନ୍ ରାଷ୍ଟ୍ରପତି ମସୁଦ ପେଜେଷ୍କିଆନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଆଲୋଚନାରେ ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ଇନ୍ଧନ ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦି । ଗୁଳିଚାଳନାରେ କ୍ଷୟକ୍ଷତି ଓ ନାଗରିକଙ୍କ ମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ।ଏହା ସହ ଶାନ୍ତି ଓ ସ୍ଥିରତା ପାଇଁ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ ପାଇଁ ଅପିଲ୍ କରିଛନ୍ତି । ସୋଶିଆଲ ମିଡିଆ ପ୍ଲାଟଫର୍ମ ଏକ ପୋଷ୍ଟ କରି ଜୟଶଙ୍କର କହିଛନ୍ତି, "ଗତ ରାତିରେ ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଅବାସ ଆରାଘଚିଙ୍କ ସହ ଆଉ ଏକ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ବିଷୟ ଏବଂ କ୍ଷିଣ୍ଣ ସହ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।" ଜୟଶଙ୍କର ଏବଂ ଆରାଘଚିଙ୍କ ମଧ୍ୟରେ ଏହି ଆଲୋଚନା ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ହୋଇଥିଲା, ଯେଉଁଠାରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଆଂଚଳିକ ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେବାରେ ଲାଗିଛି । ୨୦୨୬ ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ, ଇରାନ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛି, ଯାହା ଫଳରେ ହର୍ମୁଜ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଉପରେ ବିପଦ ବୃଦ୍ଧି ପାଇଛି । ଏହି ମାର୍ଗ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରେ ଏବଂ ଭାରତ ଭଳି ଶକ୍ତି-ଆମଦାନୀକାରୀ ରାଷ୍ଟ୍ରଗୁଡ଼ିକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ।

ରାଜ୍ୟରେ ବଢ଼ୁଛି ତାତି, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ

ଭୁବନେଶ୍ୱର, ୧୩/୩ (ଆ.ପ୍ର) : ରାଜ୍ୟରେ ଉପରମୁହାଁ ପାରଦ । ଆସନ୍ତା ୪୮ ଘଂଟା ପାଇଁ ହିଟ ୱେଭ ଜାରି । ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ହିଟ ୱେଭ୍ ଆଲର୍ଟ ଜାରି କଲା ଆଂଚଳିକ ପାଣିପାଗ ବିଭାଗ । ଗତକାଲି ୪୦ ଡିଗ୍ରୀ ପାର କରିଛି ଦିନ ତାପମାତ୍ରା । ଗତ ୨୩ ଘଂଟାରେ ରାଜ୍ୟରେ ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା ଝାରସୁଗୁଡ଼ା । ସେଠାରେ ତାପମାତ୍ରା ୪୦.୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହେବା ସହ ୪ ଟି ସ୍ଥାନରେ ୩୯ ଡିଗ୍ରୀ ଉପରେ ରହିଥିଲା ଦିନ ତାପମାତ୍ରା ।ଆସନ୍ତା ୪୮ ଘଂଟା ପାଇଁ ହିଟ ୱେଭ ସମ୍ଭାବନା । ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ହିଟ ୱେଭ୍ ଜାରି । ଏଥିସହ ଆଗାମୀ ୭ ଦିନ ପାଗ ମୁଖ୍ୟତଃ ଶୁଷ୍କରୁ ରହିବ । କୋରାପୁଟ ଜିଲ୍ଲାରେ ଏବେ ଖାଁ ଖାଁ ଘମ୍ମ ପର୍ଯ୍ୟନ୍ତର ସ୍ଥାନ । ଖରା ଓ ଗରମରୁ ରକ୍ଷା ପାଇବା ପାଇ ମାଧ୍ୟମ ସାଜିଛି ଲସି, ସୋଡା, ସଡିଚ ଖରା ମିଠା ଦହିବରା ଚ ଆର ଜେଲିଠି ପେଟକୁ ଥଣ୍ଡା କଲା ଭଳି କୁଶି ମିଶ୍ରୀ । କାରଣ ମାତ୍ର ୧୦ ଟଙ୍କାରେ ଆଖୁ ରସ, ଲେମ୍ବୁ ସୋଡା ଓ କୁଶି ସହ ବିଭିନ୍ନ ପ୍ରକାର ପାନ ରସରେ ତିଆ ରି ହୋଇଥିବା ଜୁସ ବର୍ତ୍ତମାନ ଗ୍ରାହକଙ୍କୁ ଦେଉଛି ଶାନ୍ତି । କଗାରାର ଅନେକ ବର୍ଷ ଧରି ପାଣିପାଗରେ ପରିବର୍ତ୍ତନ କାରଣରୁ ଆଖୁରସ, ଜୁଶ, ଲସି ଓ ବହିବରା ଦେପାରୀଙ୍କ ଆସରେ ଲାଗୁଛି ଗ୍ରାହକଙ୍କ ଭିଡ । ଖରା ଓ ଗରମ ପାଇଁ ରାଜ ରାସ୍ତା ଖାଁ ଖାଁ ଥିବା ବେଳେ ସହର ଭିତରେ ବିଭିନ୍ନ ଦୋକାନରେ ଲାଗୁଛି ଭିଡ଼ । ଯାହା ବର୍ତ୍ତମାନ ଝୁଲି ଆଶିବେଦଛି ଉଭୟ ଲୋକାମୁଟିଆ ଗ୍ରାହକ ଓ ଦେପାରୀଙ୍କ ପାଇଁ ।

ରବୀନ୍ଦ୍ର ଆସିଲେ, ଜୀବନ ଛାଡ଼ିଲେ

ବାଲେଶ୍ୱର, ୧୩/୩ (ଆ.ପ୍ର) : ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ବିଜେପିରୁ ଲଷ୍ଟଫା ଦେଇଛନ୍ତି । ଶୁକ୍ରବାର ବାଲେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି । ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହେବାର ଦୁଇ ଦିନ ପରେ ସେ ଲଷ୍ଟଫା ଦେଇଛନ୍ତି । ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବାରୁ ସେ କ୍ଷୁବ୍ଧ ହୋଇ ଲଷ୍ଟଫା ଦେଇଛନ୍ତି ଓ ଦଳ ଉପରେ ଖୁବ୍ ବର୍ଷିଛନ୍ତି । ଜୀବନ ପ୍ରଦୀପ ଦାଶ କହିଛନ୍ତି, ଦୀର୍ଘ କର୍ଷ ରାଜନୀତିକ ଜନତା ପାର୍ଟିଠାରୁ ଦୂରେଇ ରହିବା ପରେ ବହୁ ଆଶା ଭରସା ନେଇ ୨୦୨୧ରେ ଦଳକୁ ଫେରିଥିଲି । ଭାବିଥିଲି, ଜୀବନର ଶେଷ ଦିନ ପୁଡ଼ିକି ରାଜନୀତିକ ଜନତା ପାର୍ଟିରେ ରହି ସଂଗଠନ କାର୍ଯ୍ୟ କରି କଟାଇବି । ବିଗତ ୫ ବର୍ଷରୁ ଅଧିକ ସମୟ ଧରି ଦଳ ଯେଉଁ ଦାୟିତ୍ୱ ବା କାର୍ଯ୍ୟ ଦେଇଛି, ତାକୁ ସ୍ୱତାନ୍ତ୍ରରୂପେ ପାଳନ କରିଛି । ଦଳର ଯେଉଁସବୁ କାର୍ଯ୍ୟ- ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ ହେଉ ଅବା ପିପିଲି ଉପ ନିର୍ବାଚନ, ଦଳୀୟ ବରଷାଧା ସଂଗ୍ରହ, ଅନ୍ୟ ଜିଲ୍ଲାରେ ସଂଗଠନିକ ନିର୍ବାଚନ, ଏମିତିକି ଅନ୍ୟ ଜିଲ୍ଲାରେ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବରେ ଯୋଗଦାନ ଭଳି ଦାୟିତ୍ୱ ବୁଝାଇଛି । ମାତ୍ର ଓଡ଼ିଶାରେ ୨୦୨୪ ନିର୍ବାଚନରେ ପାର୍ଟି କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସାମିଲ କରିପାରୁ ନାହିଁ । ଜଣେ ବିଚାରଶୀଳ ଅଭିଯୁକ୍ତ, ଯାହାର ଉପରେ

ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ ଅଛନ୍ତି, ତାକୁ ଦଳରେ ସାମିଲ କରି ଦଳ ତା'ର ମୂଲ୍ୟବୋଧ ରାଜନୀତି' ବିଚାରଧାରାକୁ ବହୁ ଦୂରକୁ ନେଇ ଯାଇଛି । ଶମ୍ଭାରାର ମୋହର ଅଛ ହୋଇ, ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମସ୍ତ ନୈତିକତା ହରାଇଛନ୍ତି । ଭକ୍ତ ବ୍ୟାଲିଙ୍କ ଘରେ ସିବିଆଇ ରେଡ୍ କଥା ସମସ୍ତେ ଜାଣିଛନ୍ତି । ସେ ଆହୁରି କହିଛନ୍ତି, ଆଗାମୀ ରାଜ୍ୟସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବା ସମୟରେ ଘୋଡ଼ା ଦେପାରକୁ ପ୍ରଶ୍ନ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ବିଜେପିର ବିଚାର 'ଗଣତନ୍ତ୍ର'ର ସୁରକ୍ଷା । କିନ୍ତୁ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲୋପ ପାଇସାରିଛି । ନେତାଙ୍କ କଥାରେ ସଭାପତି ଚୟନ କରାଯାଉଛି । ଏବେ ରାଜ୍ୟସଭା ନିର୍ବାଚନରେ ପାର୍ଟି ସମସ୍ତ ନୀତି ଓ ନୈତିକତା ହରାଇଛି । ଏଭଳି ପରିସ୍ଥିତିରେ ମୁଁ ଅଧିକ ସମୟ ଏ ଦଳରେ ରହିପାରୁ ନାହିଁ । ତେଣୁ ଭାରତୀୟ ଜନତା ପାର୍ଟିରୁ ସାଧାରଣ ସଦସ୍ୟ ପଦରୁ ଲଷ୍ଟଫା ଦେଇଛି । ଜୀବନ ପ୍ରଦୀପ ଦାଶ ପ୍ରଥମେ ବିଜେପିରେ ଥିଲେ । ୨୦୦୦ରେ ବିଜେପି ଟିକେଟ୍‌ରେ ବାଲେଶ୍ୱର ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ବିଜେଡିରେ ସାମିଲ ହୋଇଥିଲେ । ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟ୍?ରେ ବାଲେଶ୍ୱର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ ନିର୍ବାଚନରେ ଜୀବନ ପ୍ରଦୀପ ଦାଶଙ୍କୁ ବିଜେଡି ପୁଣି ଏଠାରୁ ଟିକେଟ୍? ଦେଇଥିଲା । କିନ୍ତୁ ସେ ହାରି ଯାଇଥିଲେ । ବିଜେପିର ମଦନ ମୋହନ ଦତ ଏଠାରୁ ବିଜୟୀ ହୋଇଥିଲେ । କିନ୍ତୁ ଶ୍ରୀ ଦତଙ୍କ ମୃତ୍ୟୁ ପରେ ହୋଇଥିବା ଉପ-ନିର୍ବାଚନରେ ବିଜେଡି ଆଜ ଜୀବନ ପ୍ରଦୀପ ପାସଙ୍କୁ ଟିକେଟ୍ ଦେଇ ନଥିଲା । ଦଳ ସ୍ୱରୂପ କୁମାର ଦାସଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ । ଜୀବନଙ୍କୁ ଦଳ ପ୍ରାର୍ଥୀ କରି ନ ଥିବାରୁ ସେ ଦଳ ବିରୋଧୀ ଆଭିମୁଖ୍ୟ ଅପଣାଇ ବିଜେପି ପ୍ରାର୍ଥୀଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ବିଜେଡି ତାଙ୍କ ବିରୋଧରେ ଲାର୍ଯ୍ୟାନୁଷ୍ଠାନ ନେଇଥିଲା । ୨୦୨୦ ନଭେମ୍ବର ମାସରେ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା । ନିଲମ୍ବନ ହେବା ପର ଦିନ ସେ ବିଜେଡିରୁ ଲଷ୍ଟଫା ଦେଇଥିଲେ । ୨୦୨୧ ଜାନୁଆରୀ ମାସରେ ସେ ପୁଣି ବିଜେପିରେ ଯୋଗ ଦେଇଥିଲେ । ଆଉ ୫ ବର୍ଷ ପରେ ସେ ବିଜେପିରୁ ଲଷ୍ଟଫା ଦେଇଛନ୍ତି ।

୨ ଶିଶୁକନ୍ୟାଙ୍କୁ କୂଅରେ ପକାଇ ହତ୍ୟାକଲା ଜନ୍ମଦାତ୍ରୀ

ଗାମଗା: ୨ ଶିଶୁକନ୍ୟାଙ୍କୁ କୂଅରେ ପକାଇ ମାରିଦେଇଛି ଜନ୍ମଦାତା ମା' । ଏଭଳି ଏକ ଅମାନବୀୟ ଘଟଣା ଘଟିଛି ସମ୍ବଲପୁରଜିଲ୍ଲା ବାମଣା ବ୍ଲକ୍ ଜରାଡଗା ଂଚାୟତ ଅନ୍ତର୍ଗତ ସର୍ମିନ୍ଦି ଗାଁରେ । ଗାଁର ଜେମେସ୍ ମାଝିଙ୍କି ୨ କନ୍ୟା ସନ୍ତାନ ଥିବାବେଳେ ତାଙ୍କ ସ୍ତ୍ରୀ ସଞ୍ଜୁ ମାଝିଙ୍କି ଶୁକ୍ରବାର ଅପରାହ୍ନରେ ଉଭୟ ଶିଶୁକନ୍ୟାଙ୍କୁ ନେଇ ଘରୁ ବାହାରିଥିଲେ । ଏହାର କିଛି ସମୟ ପରେ ସେ ଘରକୁ ଏକୁଟିଆ ଫେରିଥିଲେ । ଶିଶୁମାନେ କୁଆଡ଼େ ଗଲେ ବୋଲି ଜେମେସ୍ ସ୍ତ୍ରୀଙ୍କୁ ପଚାରିଥିଲେ । ହେଲେ ଶିଶୁମାନଙ୍କୁ ଘର ପାଖ ଚାଷ ଜମିରେ ଥିବା କୂଅରେ ପକାଇ ଦେଇଛି ବୋଲି କହି ସଞ୍ଜୁ ସେଠାରୁ ଫେରାର ମାଡିଥିଲେ । ଏହା ଜାଣି ଜେମେସ୍ ଗ୍ରାମବାସୀଙ୍କ ସହାୟତାରେ ଉଭୟ ଶିଶୁଙ୍କୁ କୂଅ ଭିତରୁ ଉଦ୍ଧାର କରିଥିଲେ ।

ବିରୋଧୀଙ୍କ କ୍ରସ୍ ଭୋଟିଂ ଭୟ; ବିଧାୟକଙ୍କୁ ଧରି ବେଙ୍ଗାଲୁରୁରେ ପିସି ସଭାପତି

ଭୁବନେଶ୍ୱର, ୧୩/୩ (ଆ.ପ୍ର) : ରାଜ୍ୟସଭା ନିର୍ବାଚନକୁ ନେଇ ଲୋକଚକ ମୋହରେ ରାଜ୍ୟ ରାଜନୀତି । ବିରୋଧୀଙ୍କୁ ଘାଟିଛି ଘୋଡ଼ା ଦେପାର ଭୟ । କଂଗ୍ରେସର ୮ ଜଣ ବିଧାୟକଙ୍କୁ ନେଇ ପିସିସି ସଭାପତି ଭକ୍ତ ଦାସ ଦେଂଗାଲୁରୁରେ ଡେରା ପକାଇଥିବା ବେଳେ ଚାହି ଯାଇଛନ୍ତି ୬ ଜଣ । ରିସର୍ଟ ପରିଚାଳକ ସୋଫିଆ ନାସସନ୍ଦ କରିଥିବା ବେଳେ ତାରା ବୁଲିବାରୁ ଯାଇଛନ୍ତି ବୋଲି କହିଛନ୍ତି । ସେହିପରି ବିଜେଡିକୁ ବି କ୍ରସ ଭୋଟିଂ ଭୟ ଘାଟିଥିବା ବେଳେ ବିଧାୟକଙ୍କ ଉପରେ ନଜର ରଖିଛନ୍ତି ନିଜେ ନବୀନ । ଆଜିଠୁ ରବିବାର ଯାଏଁ ନବୀନ ନିବାସରେ ସନ୍ଧ୍ୟା ସାତେ ୫ଟାରୁ ୨ ଘଂଟା ଯାଳିରେ ବେବେ ବିଧାୟକ । ବିଧାନସଭାରେ ବି

ସମସ୍ତଙ୍କ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଋଷିକେଶରେ ଆରଭିଏନଏଲ୍ ପ୍ରକଳ୍ପ ସାଇଟ୍ ପରିଦର୍ଶନ କଲେ ଓଡ଼ିଶା ପ୍ରତିନିଧି ଦଳ

ଭୁବନେଶ୍ୱର, ୧୩।୩(ପିଆଇବି): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉତ୍ତରାଖଣ୍ଡ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଋଷିକେଶ ସ୍ଥିତ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ୍) ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ହିମାଳୟ ପାର୍ବତ୍ୟ ଅଂଚଳରେ ଚାଲିଥିବା ଏହି ବିଜ୍ଞାନ ରେଳ ପ୍ରକଳ୍ପର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଆରଭିଏନଏଲ୍ ଜିଏମ୍ (ସିଗ୍ନାଲ) ଶ୍ରୀ ଓମ୍ ପ୍ରକାଶ ମାଲଗୁଡ଼ୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଦଳ ପ୍ରତିନିଧିତ୍ୱ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ଲାଇନ୍ ପ୍ରକଳ୍ପର ଗୁରୁତ୍ୱ ବିଷୟରେ

ସବିଶେଷ ସୂଚନା ପ୍ରଦାନ କରିଥିଲେ । ସେ ସୂଚନା ଦେଇଥିଲେ ଯେ, ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ୧୨୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ପଥ ଉତ୍ତରାଖଣ୍ଡର ୫ଟି ଜିଲ୍ଲା ଯଥା ଦେବାଭୂନ, ଟିହରୀ, ପୌଡ଼ି, ରୁଦ୍ରପ୍ରୟାଗ ଏବଂ ଚାମୋଲିକୁ ସଂଯୋଗ କରିବ । ହିମାଳୟ ଅଂଚଳରେ ଏହି ପ୍ରକଳ୍ପଟିକୁ ଭାରତୀୟ ରେଳବାଇର ଅନ୍ୟତମ ବ୍ୟାଲେଞ୍ଜିଙ୍ଗ ଇଞ୍ଜିନିୟରିଂ କାର୍ଯ୍ୟ ଭାବେ ବିଚାର କରାଯାଉଛି । ଏହି ପ୍ରକଳ୍ପର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ନିର୍ମାଣ ଶୈଳୀ । ପ୍ରକଳ୍ପର ପ୍ରାୟ ୮୫ ପ୍ରତିଶତ ଅଂଶ ଟନେଲ୍ ବା ସୁଡ଼ଙ୍ଗ ମଧ୍ୟ ଦେଇ ଗତି କରିବ, ଯାହା ଏହାକୁ ଦେଶର ଅନ୍ୟତମ ଟନେଲ୍-ସମୃଦ୍ଧ ରେଳ ପ୍ରକଳ୍ପରେ ପରିଣତ କରିଛି । ଏଥିପାଇଁ ୧୦୦ କିଲୋମିଟରରୁ ଅଧିକ ଦୂରତା ମଧ୍ୟରେ ୧୬ଟି ଉଚ୍ଚ ସ୍ତରୀୟ ସୁଡ଼ଙ୍ଗ ଏବଂ ଖରାଶ୍ରୋତ ନଦୀ ଉପତ୍ୟକାରେ ଏକାଧିକ ବୃହତ୍ ପୋଲ ନିର୍ମାଣ କରାଯାଉଛି । ପରିଦର୍ଶନ ଅବସରରେ ପ୍ରତିନିଧି ଦଳ ପ୍ରସ୍ତାବିତ ଶିକୁଆରା ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ସୁଡ଼ଙ୍ଗ ମଧ୍ୟକୁ ଯାଇ କାର୍ଯ୍ୟର ସ୍ଥିତି ପରଖିଥିଲେ । ହିମାଳୟର କଠିନ ପଥର କାଟି ଜିଇଡି ଅତ୍ୟାଧୁନିକ ଜ୍ଞାନକୌଶଳରେ ରେଳପଥ ନିର୍ମାଣ କରାଯାଉଛି, ସେ ବିଷୟରେ ସାମ୍ବାଦିକମାନେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ଏହି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପାର୍ବତ୍ୟ ଜିଲ୍ଲାଗୁଡ଼ିକୁ ଯାତାୟାତ ଅତି ସହଜ ହେବା ସହ ଉତ୍ତରାଖଣ୍ଡର ପ୍ରମୁଖ ଧର୍ମସ୍ଥାନଗୁଡ଼ିକୁ ଶ୍ରଦ୍ଧାଳୁମାନେ ସ୍ୱଳ୍ପ ସମୟରେ ଯାତ୍ରାକରିବେ । ଏହା ଦ୍ୱାରା ଅଂଚଳର ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆସିବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି । ଏହି ପ୍ରତିନିଧି ଦଳକୁ ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର ଜେନା ଓ ସୂଚନା ସହାୟକ ଶ୍ରୀ ବିକାଶ ରଞ୍ଜନ ଦଳାଇ ପରିଚାଳନା କରୁଛନ୍ତି । ପରିଦର୍ଶନ ସମୟରେ ପିଆଇବି ଡେରାଡୁନର ସହକାରୀ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ ସୁଜିୟାଲ ମଧ୍ୟ ଉପସ୍ଥିତ ଥିଲେ ।

34001/205/2526

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO- PADHUANPADA , BALASORE
CONTACT NO :- 06782262045
E Mail ID :- ee_bsrbr@yahoo.co.in

BID INVITATION NO. SE (R and B) BLS-Div-I- 55 / 2025-26
Letter No 4044 Date 11.03.2026

1	The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Electrical and Building works		
2	No. of Work	:	3 Nos
3	Nature of work :	:	Civil & Electrical works of Balasore (R&B)Division-I
4	Class of Contractor :	:	"D", "C" & "MV", "HT" or above Class Contractor
5	Approx. value of work	:	Rs. 12.46 Lakh to 17.74 Lakh
6	Tender Cost. :	:	Rs. 6000/-
7	Availability of Bid Documents in the website :	:	**From 10.00 Hours of dt. 16.03.2026 to 16:00 hours of dt. 25.03.2026**
8	Date of Opening of Bid :	:	Dt. **26.03.2026** at 10:00 Hours
9	Other details can be seen in the Bidding documents from the website : https://tendersorissa.gov.in		

OIPR - 34001/34157/1/25-26/0002

Superintending Engineer,
Balasore (R&B) Division-I

୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ପାଇଁ ୧୯୧୨.୯୯ କୋଟିର ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଞ୍ଜୁର

ନୂଆଦିଲ୍ଲୀ, ୧୩।୩(ପିଆଇବି): କେନ୍ଦ୍ର ଶୃଙ୍ଖଳା ଏବଂ ସମନ୍ୱୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉচ্চସ୍ତରୀୟ କମିଟି ୨୦୨୫ରେ ବନ୍ୟା, ଆକସ୍ମିକ ବନ୍ୟା, ବାଦଲଫାଟିବା, ଘୂର୍ଣ୍ଣିଝଡ଼ 'ମୋନ୍ଥା' ଏବଂ ଲୁଷ୍ଟନକାରୀ ଦ୍ୱାରା ପ୍ରଭାବିତ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଏବଂ କେନ୍ଦ୍ରଶାସିତ ଅଂଚଳ ଜମ୍ମୁ ଏବଂ କାଶ୍ମୀର ପାଇଁ ୧,୯୧୨.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଞ୍ଜୁର କରିଛି । ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ)ରେ ଉପଲବ୍ଧ ପ୍ରାରମ୍ଭିକ କମାରାଶିର ୫୦% ସମାୟୋଜନ ଉପରେ ଏହି କେନ୍ଦ୍ରୀୟ ସହାୟତା ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏନଡିଆରଏଫ)ରୁ ପ୍ରଦାନ କରାଯାଇଛି । ମୋଟ ଅନୁମୋଦିତ ପରିମାଣ ୧,୯୧୨.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ର ପ୍ରଦେଶ ପାଇଁ ୩୪୧.୪୮ କୋଟି, ଛତିଶଗଡ଼ ପାଇଁ ୧୫.୬୦ କୋଟି, ଗୁଜରାଟ ପାଇଁ ୬୭୮.୬୭ କୋଟି, ହିମାଚଳ ପ୍ରଦେଶ ପାଇଁ ୨୮୮.୩୯ କୋଟି, ନାଗାଲାଣ୍ଡ ପାଇଁ ୧୫୮.୪୧ କୋଟି ଏବଂ ଜମ୍ମୁ ଏବଂ କାଶ୍ମୀର ପାଇଁ ୩୩୦.୩୪ କୋଟି ଟଙ୍କା ମଞ୍ଜୁର କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ସରକାର ପ୍ରାକୃତିକ ବିପର୍ଯ୍ୟୟ ଏବଂ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ସହିତ ଲାଞ୍ଚକୁ ଲାଞ୍ଚ ମିଳାଇ ଠିଆ ହେଉଛନ୍ତି ଓ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି । ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ) ଅଧୀନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପୂର୍ବରୁ ପ୍ରଦାନ କରିଥିବା ପାଣ୍ଠି ବ୍ୟତୀତ ପ୍ରଦାନ କରାଯିବ, ଯାହା ରାଜ୍ୟଗୁଡ଼ିକର ପାଖରେ ଖର୍ଚ୍ଚ ପାଇଁ ଏବେ ଉପଲବ୍ଧ ଅଛି । ୨୦୨୫-୨୬ ଆର୍ଥିକ ବର୍ଷରେ, କେନ୍ଦ୍ର ସରକାର ଏସଡିଆରଏଫ ଅଧୀନରେ ୨୮ଟି ରାଜ୍ୟକୁ ୨୦,୭୩୫.୨୦ କୋଟି ଟଙ୍କା ଏବଂ ଏନଡିଆରଏଫ ଅଧୀନରେ ୨୧ଟି ରାଜ୍ୟକୁ ୩,୬୨୮.୧୮ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହା ବ୍ୟତୀତ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ) ରୁ ୨୩ଟି ରାଜ୍ୟକୁ ୫,୩୭୩.୨୦ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ) ରୁ ୨୧ଟି ରାଜ୍ୟକୁ ୧,୧୮୯.୫୬ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଓଡ଼ିଶାରେ ୨୮ଟି ଆକାଶବାଣୀ କେନ୍ଦ୍ର ଏବଂ ୨୪ ଘଂଟିଆ ଟିଭି ଚ୍ୟାନେଲ୍ ଡିଡି ଓଡ଼ିଆ କାର୍ଯ୍ୟ କରୁଛି : କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୩(ପିଆଇବି): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରସାର ଭାରତୀ ଓଡ଼ିଶାରେ ବ୍ୟାପକ ରେଡିଓ ଏବଂ ଟେଲିଭିଜନ ପ୍ରସାରଣ ସେବା ଜାରି ରଖିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଜଦୁନ ଏଲ. ମୁରୁଗନ ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି,ଓଡ଼ିଶାରେ ଆକାଶବାଣୀର ୨୮ଟି ପ୍ରସାରଣ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ଏଥିମଧ୍ୟରୁ ୧୨ଟି କେନ୍ଦ୍ର ଆକାଶବାଣୀ ଜିଲ୍ଲାଗୁଡ଼ିକରେ ଅବସ୍ଥିତ । ଡିଡି ଓଡ଼ିଆ ଦେଇଛି ଓଡ଼ିଶା ପାଇଁ ଏକ ୨୪ ଘଂଟିଆ ସମ୍ପର୍ପିତ ଟିଭି ଚ୍ୟାନେଲ । ଦୂରଦର୍ଶନ ଡିଡି ଫ୍ରି ଡିଶ୍ ମାଧ୍ୟମରେ ଫ୍ରି-ଟୁ-ଏୟର ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ) ସେବା ପ୍ରଦାନ କରିଥାଏ । ଏହାର ସିଗ୍ନାଲ ଓଡ଼ିଶାର ଆକାଶବାଣୀ ଜିଲ୍ଲାଗୁଡ଼ିକର ସମେତ ଦେଶର ଯେକୌଣସି ସ୍ଥାନରେ ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଆହୁରି କହିଛନ୍ତି, ଦେଶରେ ଦୂରଦର୍ଶନ ଏବଂ ଆକାଶବାଣୀର ପ୍ରସାରଣ ଜିଓଗ୍ରାଫି ଭିତ୍ତିରେ ଏବଂ ଜନସଂଖ୍ୟା ଭିତ୍ତିରେ ଚାଲିଛି । ଦୂରଦର୍ଶନ ଏବଂ ଆକାଶବାଣୀ ନେଟୱାର୍କର ବିସ୍ତାର ଉପଲବ୍ଧ ଉପାଦାନ ଏବଂ ଆର୍ଥିକ ସମ୍ପଦ ଉପରେ ନିର୍ଭର କରେ । ଦୂରଦର୍ଶନ ଏବଂ ଆକାଶବାଣୀ ନେଟୱାର୍କର ବିଭିନ୍ନ ଚ୍ୟାନେଲଗୁଡ଼ିକ ମଧ୍ୟ ଷ୍ଟେଜ୍ ସହ ଯୋଡ଼ି ହୋଇଛି । "ନ୍ୟୁଜଅନ୍‌ଏୟାରଫୋନ"ଆପ୍ ମାଧ୍ୟମରେ ୨୬୦ରୁ ଅଧିକ ଆକାଶବାଣୀ ଚ୍ୟାନେଲ ମଧ୍ୟ ଶୁଣିପାରିବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

ବିପୁଳ ପରିମାଣର ଗଞ୍ଜେଇ ସହ କାର-ବାଇକ ଜବତ, ୨ଗିରଫ

ବ୍ରହ୍ମପୁରଜନଗର, ୧୩।୩ (ଆ.ପ୍ର) : ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ଅଂଶ ଭାବରେ ବ୍ରହ୍ମପୁରଜନଗର ପୁଲିସ ଏକ ବଡ଼ ସଫଳତା ମିଳିଛି । ପୁଲିସ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଏକ ରାକେଟ୍ ୨କୁ ଧରିବାରେ ସଫଳ ହୋଇଛି । ଆଜି ବ୍ରହ୍ମପୁରଜନଗର ଥାନା ପରିସରରେ ଏସପି ଗୁଣ୍ଡାଲା ରେଡ୍ଡୀ ଗାଇଡେଡ୍ ଏକପ୍ରେସ୍ ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁରଜନଗର ଥାନା ଅନ୍ତର୍ଗତ ଲଳକୁରାର ଅମଲନାଥ ଦ୍ୱିବେଦୀ (୨୭) ଓ ଦୌଳତିଜିଲ୍ଲା କମିଗାର ଶ୍ରୀକାନ୍ତ ଦାସ (୪୨) । ସେମାନଙ୍କ ଠାରୁ ୬୨ କିଲୋ ୬୦ ଗ୍ରାମ ନିଷିଦ୍ଧ ଗଞ୍ଜେଇ, ଗୋଟିଏ ସ୍ମୁଟି (ଓଡ଼ି ୨୩ ୟୁ ୧୧୦୬), ଗୋଟିଏ ମୋବାଇଲ୍ ଫୋନ୍, ଗୋଟିଏ କାର(ଓଡ଼ି ୦୨ ଏ ଡ଼ି ୮୬୦୧) ଓ ନଗଦ ଟଙ୍କା ୧୪,୦୫୦ ଟଙ୍କା ଜବତ କରିଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ଓ ଗଞ୍ଜେଇ ଚାଲାଣର ଲିଙ୍କକୁ ପୁଲିସ ଖୋଜୁଛି ବୋଲି ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁରଜନଗର ଏସ୍‌ଡ଼ିପି ଓ ତିଷ୍ଟାମଣି ପ୍ରଧାନ, ବ୍ରହ୍ମପୁରଜନଗର ଆଇଆଇସି ଧବଳେଶ୍ୱର ସାହୁ, ତଦନ୍ତର ପାଲି ଆଇଆଇ ସି ଅଧିକାରୀ ରଞ୍ଜିତ ନାୟକ ଉପସ୍ଥିତ ଥିଲେ । ସୂଚନା ଅନୁସାରେ ସତକାଲି ସନ୍ଧ୍ୟାରେ ଏକ ସ୍ୱୀଟରେ ଗଞ୍ଜେଇ ଲଳକୁରା ଜଣେ ଯୁବକ ଘରକୁ ନେଉଥିବା ଖବର ବ୍ରହ୍ମପୁରଜନଗର ଆଇଆଇସି ଧବଳେଶ୍ୱର ସାହୁ ପାଇଥିଲେ । କାଳ ବିଳମ୍ବ ନକରି ପୁଲିସ ଲଳକୁରା ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲେ । ଅପରାହ୍ନ ୫ଟାରେ ସ୍ମୁଟି ଧରି ଯୁବକ ଜଣକ ସେଠାରେ ପହଁଚିବା କ୍ଷଣି ତାକୁ କାବୁ କରିନେଇଥିଲେ । ମଲିଷ୍ଟେଟ ସମ୍ମୁଖରେ ତନଖି ପରେ ପ୍ରାୟ ୨୩କେଜି ଗଞ୍ଜେଇ ମିଳିଥିଲା । ସେ ତାର ପରିଚୟ ଅମରନାଥ ଦ୍ୱିବେଦୀ ସହିତ ସେ ଦୌଳତ ଶ୍ରୀକାନ୍ତ ଠାରୁ ଆଣିଥିବା କହିଥିଲା । ତାକୁ ପଚାରାଉଚରା ପରେ ଅରିଯୁକ୍ତ ଯୁବକ ସବୁ ଦୁଇଟି ଲୁହା ଡ୍ରମ ଓ ଗୋଟିଏ ଆଟାଚିରେ ଗଞ୍ଜେଇ ମିଳିଥିଲା । ପୁଲିସର ୨ଟି ଟିମ ଉଚକାଲି ରାତିରେ ଦୌଳ ଯିବା ସହ ଶ୍ରୀକାନ୍ତକୁ ଗିରଫ କରିଥିଲା ।

ଗ୍ୟାସ୍‌ର ଅଭାବ ଓ ଦରବୃଦ୍ଧିକୁ ନେଇ ଗର୍ଜିଲା କଂଗ୍ରେସ

ମାଲକାନଗିରି, ୧୩।୩ (ଆ.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ରାଜୁ ବରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଦେଶରେଗେସ୍ୱର ଅଭାବ ଓ ଦରବୃଦ୍ଧିକୁ ନେଇ ପ୍ରତିବାଦରେ ଜିଲ୍ଲା ସଭାପତି ଜି.ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଆଜି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଢ଼ିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିଶୋଭ ପ୍ରଦର୍ଶନ କରିଥିଲେ । ଦେଶରେ ବଢ଼ୁଥିବା ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଏବଂ ବିଶେଷ କରି ରନ୍ଧନ ଗ୍ୟାସ୍ ଓ ପେଟ୍ରୋଲ ଡିଜେଲର ଆକାଶଛୁଆଁ ଦର ପ୍ରତିବାଦରେ ଆଜି ରାଜ୍ୟପାଳଙ୍କୁ ଓଡ଼ାକଛି ମାଲକାନଗିରି ଜିଲ୍ଲା କଂଗ୍ରେସ । କଂଗ୍ରେସ ନେତାଙ୍କ ଅଭିଯୋଗ ଅନୁଯାୟୀ, ଗୋଟିଏ ପଟେ ପେଟ୍ରୋଲିୟମ ମନ୍ତ୍ରୀ ଦେଶରେ ଗ୍ୟାସ କିମ୍ବା ତେଲର ଅଭାବ ନାହିଁ ବୋଲି କହୁଥିବା ବେଳେ ଅନ୍ୟପଟେ ବଜାରରେ ଏହାର ଦର ହୁ ହୁ ହୋଇ ବଢିଚାଲିଛି । ବିଶେଷ କରି ଉଜ୍ଜଳା ଯୋଜନାରେ ଗ୍ୟାସ ପାଇଥିବା ଗରିବ



ଆଦିବାସୀମାନେ ଏତେ ଅଧିକ ଦାମରେ ଗ୍ୟାସ କିଣିବାକୁ ଅସମର୍ଥ ହୋଇ ପୁଣିଥରେ ଜଳାଉରୁ ଲାଠ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି । ଆଗାମୀ ଦିନରେ ଦରଦାମ ନିୟନ୍ତ୍ରଣ କରାନଯାଏ, ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଅଜୁରି ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଗ୍ୟାସ ଅଭାବକୁ ନେଇ ଜିଲ୍ଲାପାଳଙ୍କ ବାଦିପ୍ରତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ସ୍ମୃତି ରଂଜନ, ଉପସଭାପତି ଲାମା ବାସୈ, ସଂପାଦକ ପଦ୍ମ ରଂଜନ ପାଣ୍ଡି, ଦଣ୍ଡପାଟ ଚୁଲୁକା, କେଶୁ ରାଓ, ଗୋବିନ୍ଦ ପାତ୍ର, ବିନାୟକ ପାତ୍ର, ପ୍ରଣ କୃଷ୍ଣ ମଣ୍ଡଳ, ଜର୍ମ ପଡ଼ିଆମି, ପୁଷ୍ପା ଜାବାଣି,ମୁକା ମାଡକାମି, ଅର୍ଜୁନ ପଡ଼ିଆମି, କୃଷ୍ଣ ଚନ୍ଦ୍ର ଅନୁଗ୍ରୁ, ପ୍ରଭାକର ପାଜ,ସଂଗୋଷ ପଟମାଝର ପ୍ରମୁଖ ଉପସ୍ଥିତ ଥିଲେ ।

ଯୁଦ୍ଧ ପ୍ରଭାବ : ଶସ୍ତା ହେଲା ଅଣ୍ଡା, ଟ୍ରେକୁ ୧୪୦ ଟଙ୍କା

ଭୁବନେଶ୍ୱର, ୧୩।୩ (ଆ.ପ୍ର) : ଲଣ୍ଡାଏଲ ଇରାନ ଯୁଦ୍ଧ ଯୋଗୁଁ ଅନେକ ରେଟ୍ ହୁ ହୁ ହୋଇ ବଢିଚାରେ ଲାଗିଛି । କିନ୍ତୁ କିଛି ସାମଗ୍ରୀ ଯୁଦ୍ଧ ପାଇଁ ଶସ୍ତା ହୋଇଯାଇଛି । ଯଥା - ନିରନ୍ତର ଉତ୍ପାଦନ ହେଉଥିବା ଅଣ୍ଡା । ବଜାରରେ ଏବେ ଅଣ୍ଡା ଗୋଟା ୪ ଟଙ୍କା ୫୦ ପଇସା । ଟ୍ରେ ୧୪୦ ଟଙ୍କା । ପେଟି ୯୩୪ ଟଙ୍କା ହୋଲସେଲ ଦର ରହିଛି । ବିଧାନ ସଭାରେ ମତ୍ସ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋଲୁଜାନନ୍ଦ ମଲିକ୍ ଙ୍କ ଉତ୍ତର ଅନୁସାରେ ଆମ ରାଜ୍ୟ ଓଡ଼ିଶା ଅଣ୍ଡା ଉତ୍ପାଦନ ରେ ପଛୁଆ ରାଜ୍ୟ ରହିଛି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ପ୍ରତିଦିନ ଓଡ଼ିଶାରେ ୧୩।୩.୩୬ ଲକ୍ଷ ଅଣ୍ଡାର ଆବଶ୍ୟକତା ରହିଥିବା ବେଳେ ୧୧୭.୪ ଲକ୍ଷ ପରିମାଣର ଅଣ୍ଡା ଉତ୍ପାଦନ କରନ୍ତି ଓଡ଼ିଶା କୁକୁଡ଼ା ଚାଷୀ । ପ୍ରଶ୍ନ ଉଠୁଛି ତଥାପି ଅଣ୍ଡା ଦର ଏତେ ଶସ୍ତା କେଲା କେମିତି । ଏଥାର ଉତର ଆସିଛି ଯୁଦ୍ଧ ଷ୍ଟେରୁ । ଆଜ୍ଞ, ତେଲେଙ୍ଗାନାର ଅଣ୍ଡା ମଧ୍ୟ ପ୍ରାଚ୍ୟ ଦେଶକୁ ରପ୍ତାନୀ ହୋଇ ପାରୁନାହିଁ । ତେଣୁ ଆନ୍ଧ୍ର ଚାଷୀ ଓଡ଼ିଶା କୁ ପ୍ରଚୁର ପରିମାଣରେ ଅଣ୍ଡା ରପ୍ତାନୀ କରୁଛନ୍ତି । ସେଥିପାଇଁ ରାଜ୍ୟରେ କମିଛି ଅଣ୍ଡା ରେଟ୍ । ଦେଖିବା ଏ ଜିପୋର୍ଟ । ଆଜ୍ଞ, ତେଲେଙ୍ଗାନା ଅଣ୍ଡା ପାଇଁ କମିଲା ଓଡ଼ିଶା ଅଣ୍ଡା ରେଟ୍ । ୧୫ ଦିନ ତଳେ ଅଣ୍ଡା ଗୋଟା ସର୍ବାଧିକ ୯ ଟଙ୍କା ଯାଏ ବିକ୍ରି ହେଉଥିଲା । ଆଉ ଆଜି ର ରେଟ୍ ରହିଛି ଅଣ୍ଡା ଗୋଟା ୪ ଟଙ୍କା ୫୦ ପଇସା । ଟ୍ରେ ୧୪୦ ଟଙ୍କା । ପେଟି ୯୩୪ ଟଙ୍କା ହୋଲସେଲ ଦର ରହିଛି । ଇଏ ହେଉଛି ଲୁବନେଶ୍ୱରର ୪ ନମ୍ବର ଜାଜ ସମେତ ଅନ୍ୟ ଅଣ୍ଡା ମାର୍କେଟ ର ଲେଟେଷ୍ଟ ପ୍ରାଇସ । ହଠାତ ଅଣ୍ଡା ଦର କମିବା ପାଇଁ ଆନ୍ଧ୍ର ପ୍ରଦେଶ ଅଣ୍ଡା କାରଣ ପାଲଟିଛି । ମଧ୍ୟ ପ୍ରାଚ୍ୟ ରେ ଯୁଦ୍ଧ ଯୋଗୁଁ ଆନ୍ଧ୍ର ଅଣ୍ଡା ବିଦେଶ କୁ ରପ୍ତାନି ହୋଇ ପାରୁନି । ତେଣୁ ଆନ୍ଧ୍ର ଅଣ୍ଡା ଚାଷୀ ବାଧ୍ୟ ହୋଇ ଓଡ଼ିଶା ମାର୍କେଟ କୁ ଅଣ୍ଡା କମ୍ ରେଟ୍ ରେ ଛାଡୁଛନ୍ତି । ଯାହାର ପରିଣାମ ଅଣ୍ଡା ପୁରା ଶସ୍ତା ହୋଇଯାଇଛି । ଯୁଦ୍ଧ ସଙ୍କଟ ନ ତଟିଲେ ଅଣ୍ଡା ଆହୁରି ଶସ୍ତା ହେବ କିମ୍ବା ରେଟ୍ ବଢ଼ିଚାର ସମ୍ଭାବନା ରହିଛି । ଅଣ୍ଡା ଉତ୍ପାଦନ ଓ ଖାଇବା କୁ ନେଇ ବିଧାନସଭା ଗୃହରେ ମତ୍ସ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋଲୁଜାନନ୍ଦ ମଲିକ୍ ଉତର

ଶୀର୍ଷଛକ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ପୋଲିସ ଓ ଖଣି ବିଭାଗର ଚଢ଼ାଉ, ୪ ଟ୍ରାକ୍ଟର, ଗୋଟିଏ ଜେସିବି ସହିତ ୩ ଅଟକ

ବାଲିଆପାଳ, ୧୩/୦୩ (ଆ.ପ୍ର) : ବେଆଇନ ବାଲି ଚାଲାଣ ରୋକିବା ପାଇଁ ଆଜିର ପ୍ରଥମ ପୁରୁ ରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଗୁରୁବାର ବିକାଳିତ ରାତିରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବାଲିଆପାଳ ଥାନା ଅନ୍ତର୍ଗତ ସୁନ୍ଦରେଶ୍ୱର ନଦୀ ଅଞ୍ଚଳ ବାଲିଆପାଳ ଚଢ଼ସିଲର ଗୁଡ଼ାକପାଳ ଓ ଜଳେଶ୍ୱର ଚଢ଼ସିଲର କଂଚାପାଳ ମୌଜାରେ ଗଢି ଉଠିଥିବା ଚୋରା ବାଲି ଆଡ୍ଡା ଉପରେ ଚଢ଼ଉ କରି ଚଢଉ କରି ୪ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବତ କରିଛନ୍ତି,ଏହି ଠାରେ ବେଆଇନ ଭାବରେ ବାଲି ଗଚ୍ଛିତ କରି ଚୋରା ଚାଲାଣ ହେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଚାନକ ଚଢଉ କରା ଯାଇ ଥିଲା, ବାଲେଶ୍ୱର ଅଦାଲତ ଏସପି ତତ୍ତାବଧାନରେ ବଣ୍ଟା ଏସଡିପିଓ ମାନସୀ ଦେ, ଏବଂ ଡ଼ିଆଇଜିଙ୍କ ନେତୃତ୍ୱରେ ବଣ୍ଟା ଜଣିଆ ଟିମ ପୁଲିସ ଫୋର୍ସ ଚଢ଼ଉରେ ସାମିଲ ହୋଇଥିଲେ ତେବେ ଏହି ବେଆଇନ ବାଲି ସୌମ୍ୟବାସ ଚଢ଼ଉବର୍ତ୍ତୀଙ୍କର ବୋଲି ଜଣାଯାଇଛି । ଏଠାରେ ୧୦,୦୦୦୦ ସିଏମସୁ ଲର୍ଜ ବାଲି ମଜୁଦ ରହିଛି । ଖଣି ଅଧିକାରୀ ସତ୍ୟ ବିନ୍ଦୁୟ ଜେନା କହିଛନ୍ତି । ସୂଚନାଯୋଗ୍ୟ ଏହି ବାଲି ମାଫିଆ ଜଣଙ୍କ ସ୍ଥାନୀୟ ଅଂଚଳର କିଛି ଅସାଧୁ ପ୍ରଶାସନିକ ଅଧିକାରୀଙ୍କୁ ସାହାଯ୍ୟକରି କରି ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉଠାଇ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିଲା । ତେବେ ଜିଲା ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଛି । ତେବେ ବାଲିଆପାଳ ଚୁଲରେ ଗଢ଼ି ଉଠିଥିବା ଏକାଧିକ ବେଆଇନ ଲଟାଲଟି ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

ରାସ୍ତାରେ ଓଲଟିଲା ବାଲି ବୋଝେଇ ଟ୍ରିପର

ନୀଳଗିରି, ୧୩/୦୩ (ଆ.ପ୍ର) : ରାସ୍ତାରେ ଓଲଟିଲା ବାଲି ବୋଝେଇ ଡମ୍ପର । ଡମ୍ପରର ପଛ ଚକ ଫାଟି ଯିବାରୁ ରାସ୍ତା ମଝିରେ ଓଲଟି ପଡି ଥିଲା ଡମ୍ପରଟି । ନୀଳଗିରି-ମିତ୍ରପୁର କାପାଳକ ରାସ୍ତାର ଘାଗରା ପୋଲ ନିକଟରେ ଘଟିଛି ଏହି ଦୁର୍ଘଟଣା । ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଡ୍ରାଇଭର ପଳାଇ ଯାଇଥିବା ବେଳେ, ଡମ୍ପରର ସାମ୍ନା କାଚ ରାଙ୍ଗି ଚୁରି ଯାଇଛି । ସୂଚନାରୁ ଜଣାଯାଇଛି, ଓ.ଆର ୧୬ଡି ୦୯୧୬ ନମ୍ବର ବିଶିଷ୍ଟ ଏହି ଡମ୍ପର ଟି ବାଲି ଲୋଡ କରି ନୀଳଗିରି ଆମ୍ବ ଅଧିକ କାପାଳ ପଟୁ ମିତ୍ରପୁର ଅଭିମୁଖେ ଆସୁଥିବା ବେଳେ, ଡମ୍ପର ଟି ର ପଛ ଚକ ଫାଟି ଯିବା କାରଣ ରୁ ଘାଗରା ପୋଲ ଦୁର୍ଭାଣି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଡମ୍ପରରେ ଲୋଡ ଥିବା ବାଲି ରାସ୍ତା ରେ ଛିଞ୍ଚାଡ଼ି ହୋଇ ପଡ଼ିଥିଲା । ଆହତ ଡମ୍ପର ଡ୍ରାଇଭର ଘଟଣା ସ୍ଥଳରୁ ପଳାଇ ଯାଇଥିବା ବେଳେ ଡମ୍ପର ଟି ରାସ୍ତା ଉପରେ ପଡ଼ି ରହିଥିଲା ।ତେବେ ଡମ୍ପର ରେ ଲୋଡ଼ ଥିବା ବାଲି ଚୋରା ନା ପରମିଟ୍ ଥିଲା ତାହା ଜଣାପଡ଼ି ନାହିଁ ।

ଦ.ପୂ. ରେଳବାଇ-ବେଷ୍ଟର
ବେଷ୍ଟର ଇ-ବେଷ୍ଟର ଟେଣ୍ଡର ନମ୍ବର: M_KGP_DSF_2026. ତାରିଖ: ୧୨.୦୩.୨୦୨୬ । ରାଜପଥ ଲଞ୍ଚଟେଣ୍ଡର ପଞ୍ଜୁରୁ ଏବଂ ଟାଙ୍କ ପଞ୍ଜୁରୁ ଖରପୁରୁ, ଏସ.ଇ.ରେଲୱେକୁ ବିଭିନ୍ନ ବିଭାଗର ମୋବାଇଲ୍ ଇଣ୍ଟରନେଟ ସୁବିଧା ଇ-ବେଷ୍ଟର ମାଧ୍ୟମ ବରାଦାଙ୍କ: ସର୍ବାଧିକ ମାନ ଏବଂ ଗୁରୁତ୍ୱର ସଂକ୍ଷିପ୍ତ ବର୍ଣ୍ଣନା: ସୋଲା ବେଷ୍ଟର ମାଧ୍ୟମରେ (୦୧) ଏକ ବର୍ଷ ପାଇଁ RCD ଖରପୁରୁରୁ ବିମାପୁରୁ ଏବଂ ବାଲେଶ୍ୱରରେ ଲଞ୍ଚର ଦଂଶପୁରୁ ୨୪ ଘଣ୍ଟା ପାଇଁ 12KL ଶକ୍ତିର ଡିଜିଲ୍ ଏବଂ ଲୋଲର ବେଷ୍ଟର ଟ୍ୟାକର ଦେଇ, ଯେଉଁଥିରେ ବର୍ତ୍ତମାନ ଥିବା ଟ୍ରାକର ଛାଡ଼ା @ 200L/ମିନିଟରେ ପାଣି ଏବଂ ଲାଇନରେବେଷ୍ଟ ଫ୍ଲେ-ମିଟର ସହିତ ଦେବ । ଦିଆଯିବ ମୂଲ୍ୟ: ୨୨,୫୫,୯୦୪/- । ଆମ୍ବ: ଟ. ୪୫,୧୦୦/ । ଇ-ବେଷ୍ଟର ବନ୍ଦ ତାରିଖର ତାରିଖ ଏବଂ ସମୟ: ୦୨.୦୪.୨୦୨୬ ସମୟ ୪.୦୦ ଘଣ୍ଟା । ଟେଣ୍ଡର ଆରମ୍ଭ ତାରିଖ: ୧୯.୦୩.୨୦୨୬ । ଟେଣ୍ଡରସାରଣ୍ ଖୁଚୁରା ଏବଂ ବିବରଣୀ: www.ireps.gov.in
(PR-1303)

ଚୋରାପଥର ମାଫିଆଙ୍କୁ ଶକ୍ତ ଧକ୍କା; ଜାରି ହେଲା ୧୬୩ଧାରା

ନୀଳଗିରି, ୧୩/୦୩ (ଆ.ପ୍ର) : ନୀଳଗିରି ଅଂଚଳଟି ଖଣିଖାଦାନରେ ଭରପୁର । ପୂର୍ବରୁ ଆମ୍ବଝର, ଡିଆଳତା, ବାଗମରା, ମଲ୍ୟାଣି, ମହିଷାପଟା, ମିତ୍ରପୁର, ଡମ୍ବୁରୁଘାଟି ପ୍ରଭୃତି ଖାଦାନ ଗୁଡ଼ିକ ନିଲାମ କରାଯାଇଥିବା ବେଳେ, ଲୋକୋ ସେଣ୍ଟ୍ରିଟିଭ ଜୋନ, ସରକାରଙ୍କ ଲଟଲଣା ଯୋଗୁଁ ଉକ୍ତ ଖାଦାନ ଗୁଡ଼ିକ ବହୁବର୍ଷ ଧରି ବନ୍ଦ ହୋଇପଡ଼ିଛି । ମାତ୍ର କିଛି ପଥରମାଫିଆ ବେଧରକ ଭାବେ ଗାଁ ଲୋକଙ୍କୁ ଧମକ ଚମକ ଦେଇ ରାତିଅଧିଆ ଚୁଣ୍ଟିଙ୍ଗ କରି ମାଲେମାଲ୍ ହେଉଥିବା ବେଳେ କିଛି ଅଧାଧୁ ସରକାରୀ କର୍ମଚାରୀମାନେ ମାଫିଆଙ୍କ ସହ ସାମିଲହୋଇ ଚୋରାପଥର ଚାଲାଣ କରିଆସୁଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗପରେ ବି ପ୍ରଶାସନ ନୀରବ ସାଜିଥିବା ବେଳେ ବାଧ୍ୟହୋଇ ଗାଁ ଲୋକ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଠାରେ ଅଭିଯୋଗ କରିବାପରେ ଶ୍ରୀ ଷଡ଼ଙ୍ଗୀ କିଛିଦିନ ପୂର୍ବରୁ ଡମ୍ବୁରୁଘାଟିରେ ଚାଲିଥିବା ଚୋରାପଥର ଖାଦାନ ଉପରେ ଚଢ଼ାଉ କରିଥିଲେ । କ୍ରାଷିଂ ପାଇଁ ପଥରମାଫିଆ ମାନେ ସମସ୍ତ ପ୍ରସ୍ତୁତି କରିଥିବାବେଳେ ମାରନିଙ୍ଗ ଅଧିକାରୀ, ବନବିଭାଗ ଓ ପୋଲିସ ବିଭାଗ ଙ୍କ ଉପସ୍ଥିତିରେ ଚଢ଼ାଉକରି ବିଷ୍ଫୋରକକୁ ଅଟକାଇଥିଲେ । ମାନ୍ୟବର ସାଂସଦ ଜନସାଧାରଣଙ୍କ ଦୃଢ଼ବାଦୀ, ପରିବେଶ ସନ୍ତୁଳନ ଏବଂ ଜନସାଧାରଣଙ୍କର ସୁରକ୍ଷାକୁ ଆଖିଆଗରେ ରଖି ପଥରମାଫିଆଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ସାଂସଦଙ୍କ କଡା ଆରୀ ମୁଖ୍ୟଙ୍କୁ ସନ୍ଧାନ କଣାଇ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଇବେଇଥିଲା । ଏନେଇ ଗତ ୧୨ତାରିଖ ନୀଳଗିରି ଚଢସିଲଦାର ଏବଂ ରେଞ୍ଜ ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତିକରି ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ଲଥ ଜାମୁଡିହା ସଂଚାୟତର ବାଦାମଗଡ଼ି ଅନ୍ତର୍ଗତ ୮ଟି ପୁଟର ଜଙ୍ଗଲ, ଗୋବର, ପତିତ କିସମ ଜମି ଏବଂ ଅଯୋଧ୍ୟା ଆର୍ ଆର ସର୍ଭେ ଅନ୍ତର୍ଗତ ମହିଷାପଟା ସଂଚାୟତ ସଠିକୋବଲବର୍ଜ ଆ ମୌଜାର ଡମ୍ବୁରୁଘାଟି ବେ ଅ । ଲ ନ ପଥରଖାଦାନରେ ଭାରତୀୟ ନୀରଗିକ ସଂହିତା ୨୦୨୪ ଧାରା ୧୬୩ଅନୁଯାଇ ନିଷେଧାଦେଶ ଜାରି କରିଛନ୍ତି । ଫଳରେ ଏସମସ୍ତ ନିଷିଦ୍ଧଚକ୍ରରେ କ୍ରାଷିଙ୍ଗ, ବିସ୍ଫୋରକ ବ୍ୟବହାର, ବେଆଇନ ଖଣି କାର୍ଯ୍ୟ, ଅନଧିକୃତ ଜମିଦଖଲ ନିଷେଧ କରାଯାଇଛି । ଏହାସହିତ ରାସ୍ତା କିମ୍ବା ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି ନକରିବା, ଗଛ ନଷ୍ଟ ନକରିବା, ଆଇନ ଶୃଙ୍ଖଳା ବଜାୟ ରଖିବାପାଇଁ ନିର୍ଦ୍ଧାରିତ ଅଂଚଳରେ ଯେ କୌଣସି ପ୍ରକାର ଆନ୍ଦୋଳନ, ଶୋଭାଯାତ୍ରା, ରାଲି କିମ୍ବା ଅନଧିକୃତ ସାଧାରଣ ସଭାକୁ ନିଷେଧ କରାଯାଇଛି । ଏଥିପାଇଁ ନୀଳଗିରି ଆନା ଆରଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ

ସିମୁଳିଆ, ୧୩/୦୩ (ଆ.ପ୍ର) : ବିକାଳିତ ରାତିରେ ଅଗ୍ନିକାଣ୍ଡ ଘଟି ସାତ କଣ୍ଡା ପୋଡି ପାଉଁଶ । ଅଞ୍ଚଳେ ମୃତ୍ୟୁ ମୁଖରୁ ବଡି ଯାଇଛନ୍ତି ପାରିବାରର ତିନି ସଦସ୍ୟ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର ଶ୍ୟାମସୁନ୍ଦରପୁର ବଜ ସାହିର ଗାମଚନ୍ଦ୍ର ବଜ ପରିବାର ଗୁଡ଼ସାର ରାତିରେ ଖାଇପିଇ ଶୋଇପଡ଼େ । ବିକାଳିତ ରାତିରେ ଘରେ ନିଆଁ ଲାଗି ଯାଇଥିଲା । ଗ୍ରାମବାସୀ ନିଆଁ ଲାଗିଯାଇଥିବା ଦେଖି ପରିବାରର ତିନି ଜଣ ସଦସ୍ୟଙ୍କୁ ଉଦ୍ଧାର କରିଥିଲେ ମାତ୍ର ଘରେ ଥିବା କୌଣସି ଜିନିଷ ଉଦ୍ଧାର କରି ପାରି ନ ଥିଲେ । ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଲୁଗାପଟା, ସ୍ୱର୍ଣ୍ଣ ଅଳଙ୍କାର, ଆଧାର କାର୍ଡ ପତ୍ର,ମୋଟର ସାଇକେଲ ଓ ସାଇକେଲ ସମେତ ଦୁର୍ଘଟଣାରେ ମଝିଆ ପୁଅର ଅପରେସନ ନିମନ୍ତେ ରଖିଥିବା ନଗଦ ୫୦ହଜାର ଟଙ୍କା ପୋଡି ହୋଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇ ଯାଇଛି । ଖବର ପାଇ ଚରମା ଅଗ୍ନିଶମ ବିଭାଗ ସମ୍ପର୍କି ନିଆଁକୁ ଆୟତ କରିଥିଲା ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା । ପ୍ରକାଶ ଥାଉକି ଗାମଚନ୍ଦ୍ର ବଜଙ୍କ ଚାରି ପୁଅ ମଧ୍ୟରୁ ମଝିଆ ପୁଅ ଟ୍ରକ ଦୁର୍ଘଟଣାରେ ଜଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

ଆଗାମୀ ନିର୍ବାଚନରେ ପଂଚାୟତସମିତି ଦଖଲକରିବ କଂଗ୍ରେସ
ନବନିଯୁକ୍ତ କଂଗେସ କାର୍ଯ୍ୟକର୍ତାଙ୍କ ପ୍ରଥମବୈଠକରେ ଦମ୍ଭୋକ୍ତି

ନୀଳଗିରି, ୧୩/୦୩ (ଆ.ପ୍ର) : ରାଜ୍ୟ କଂଗ୍ରେସର ନବଜନେବର ପରେ ବାଲେଶ୍ୱର ଜିଲ୍ଲାରେ ସଗଠିତ ହୋଇଥିବା ଅଭିଜ୍ଞ ସାମାଜିକ ତଥା ବିଚକ୍ଷଣ ରାଜନେତା ସତ୍ୟଶିବ ଦାସଙ୍କ ମାର୍ଗଦର୍ଶନରେ ନୀଳଗିରି ବ୍ଲକ୍‌ର ନବନିଯୁକ୍ତ ସଭାପତି ଯୁବନେତା ତପନ କୁମାର ରାଉତଙ୍କ ନେତୃତ୍ୱରେ ବଜର ପ୍ରଥମ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଭଗିରିଆବାଡ଼ ସଂଚାୟତ ଗୋଡିଶୁଳ ସ୍ଥିତ ମିଳୋ ଗୁଡିକିମ ପାର୍କ ଠାରେ ନୀଳଗିରି କଂଗ୍ରେସର ବନ୍ଧୁ ବୁଗ୍ଗ ଏବଂ ଯୁବନେତୃବୃନ୍ଦଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ତପନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସନେତା ତଥା ବିଧାୟକ ପ୍ରାର୍ଥୀ ଡଂ ବାସ୍ତିକାଣ୍ଡ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସମରେନ୍ଦ୍ର ଦାସ, ରାଜ୍ୟ କିଷାନକଂଗ୍ରେସ ତଥା ଜିଲ୍ଲା ସାଧାରଣସମ୍ପାଦକ ଯଶୋଦାନନ୍ଦନ ସିଂହ, ପୂର୍ବତନ ବ୍ଲକ୍ ଲଘାକ୍ଷ ରାମକୃଷ୍ଣ ଜେନା, ଜିଲ୍ଲା ସାଧାରଣସମ୍ପାଦକ ଯୋଗେଶ୍ୱର ବେହେରା, କଂଗ୍ରେସ ନଗରସଭାପତି ଉପେନ୍ଦ୍ର ବେହେରା, ନରସିଂହପୁର ପଂଚାୟତର ବରିଷ୍ଠନେତା ସନାତନ ଜେନା, ବରିଷ୍ଠ କଂଗ୍ରେସନେତା ଅଶ୍ୱିନୀ ବାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଜୁଲୁଣୀ ସିଂ, ପୂର୍ବତନ ଛାତ୍ରକଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା କଂଗ୍ରେସକମିଟି ସମ୍ପାଦକ ରାସବିହାରୀ ମହାପାତ୍ର, ପୂର୍ବତନ ବ୍ଲକ୍ ମହିଳା ସଭାପତି ବାସନ୍ତୀ ସିଂହ ନୀଳଗିରି ବ୍ଲକର ୨୫ଟୋଟି ପଂଚାୟତ ତଥା ନୀଳଗିରି ନିର୍ବାଚନମଣ୍ଡଳୀ ଗିପିଚା, ରାଜାନଗର ବ୍ଲକର ଅଧିକାଂଶ ପଂଚାୟତର ଛାତ୍ରଅଭିନେତାଙ୍କ ସହିତ ବହୁବରିଷ୍ଠ ନେତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ସଭା ପ୍ରାରମ୍ଭରେ ରାମଧୂନ୍ ଗାନ କରାଯିବାପରେ ଉପସ୍ଥିତ ସମସ୍ତ ବରିଷ୍ଠ ଓ ଯୁବନେତୃତ୍ୱ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ତେବେ ଆଜିର ଉପସ୍ଥିତି କଂଗ୍ରେସଦଳକୁ ଏକ ନୂତନ ଦିଶା ଓ ସମାଜକାର ପୂର୍ବାଭାସ ବୋଲି ଉପସ୍ଥିତ ନେତାମାନଙ୍କ ଅଭିଳାଷରେ ମତପ୍ରକାଶ ପାଇଥିଲା । ଆଗାମୀ ଦିନରେ ତପନ କୁମାର ରାଉତଙ୍କ ନେତୃତ୍ୱରେ ଦଳ ନିର୍ବାଚନମଣ୍ଡଳୀର ପ୍ରତି ପଂଚାୟତରେ ପଞ୍ଚଂତି ଦଳକୁ ଦୃଢ଼ମୂଳ ସ୍ତରରେ ସଂଗଠିତକରି ଲୋକଙ୍କ ସମସ୍ୟା ସମାଧାନ କରିବାଦିଗରେ ଏକ ନିର୍ଦ୍ଧାୟକ ଭୂମିକା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ଆଗାମୀ ପଂଚାୟତ ନିର୍ବାଚନରେ ଦଳ ପ୍ରତି ବ୍ଲକରେ ପଂଚାୟତସମିତି ଦଖଲ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ନୀଳଗିରି ନେତୃତ୍ୱଙ୍କ ପ୍ରତି ଆଶ୍ରୁତାନ କରି ଅନ୍ୟାଦଳର ୨୫ଜୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

ମିତ୍ରପୁର ବ୍ଲୁ ଲେକ୍‌ରେ ସୁରକ୍ଷା ଦୃଷ୍ଟି ରୁ ହେବ ଉନ୍ନତି କରଣ



ନୀଳଗିରି, ୧୩/୦୩ (ଆ.ପ୍ର) : ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ୱର୍ଗଚୂଡ଼ ପାହାଡ ପାଦ ଦେଶରେ ଅବସ୍ଥିତ ମିତ୍ରପୁର ବ୍ଲୁ ଲେକ୍ ରେ ସୁରକ୍ଷା ଦୃଷ୍ଟିରୁ ଗାର୍ଡ ୱାଲ ନିର୍ମାଣ ଭରାଯାଇ ନିର୍ମାଣ ହେବ ମିନି ପାର୍କ । ଏନେଇ ଆଜି ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ବ୍ଲୁ ଲେକ୍ ପରିଦର୍ଶନ କରିଛନ୍ତି । ସୂଚନାରୁ ଜଣାଯାଇଛି, ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ମଣ୍ଡୁଆ ସଂଚାୟତର ସ୍ୱର୍ଗଚୂଡ଼ ପାହାଡ଼ ପାଦଦେଶରେ ମିତ୍ରପୁର ପଥର ଖାଦାନ ରହିଥିଲା । ଏବେ ତାହା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ରହିଛି, ଯାହାର ଗାଢ଼ ନୀଳ ଜଳରାଶି ଅତ୍ୟନ୍ତ ମନୋରମ । ପ୍ରକୃତିକ ପରିବେଶ ମଧ୍ୟରେ ଏହି ନୀଳ ଜଳ ରାଶି ଦେଖିବାକୁ ଅଧିକାଂଶରେ ଏହି ଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି । ଏହାକୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ଓ ପର୍ଯ୍ୟଟନର ବିକାଶକୁ ଅଧିକ ଦୃଢ଼ୀକୃତ କରିବା ପାଇଁ ଶୁକ୍ରବାର ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ମଣ୍ଡୁଆ ସରପଂଚ ଜମକାଳାନ୍ତ ସିଂ, ଜେଲ ଦେବ୍ୟନାଥ ସିଂ ବ୍ଲୁ ଲେକ୍ ଠାରେ ପହଂଚି ପରିଦର୍ଶନ କରିଛନ୍ତି । ତେବେ ଆଗକୁ ଖୁବ୍ ଶିଘ୍ର ଏହାର ଉନ୍ନତି କରଣ କରାଯାଇ କାର୍ଯ୍ୟକ୍ଷମ କରାଗଲେ ଅଧିକ ପର୍ଯ୍ୟଟକ ଆସିବା ସହିତ ଲୋକଙ୍କ ସୁରକ୍ଷା ହୋଇପାରିବ ବୋଲି କହିଛନ୍ତି ସ୍ଥାନୀୟ ସରପଂଚ । ତେବେ ଏହି ବ୍ଲୁ ଲେକ୍‌ରେ ବିତତ ଦିନରେ ଅନେକ ଦୁଃଖଦ ଘଟଣା ଘଟି ଲୋକଙ୍କ ଜୀବନ ଯାଇଥିବା ବେଳେ, କେବେ ଏହାର ସୌନ୍ଦର୍ଯ୍ୟକରଣ ହେଉଛି ଏବଂ କେବେ ଏହାର ସୁରକ୍ଷା ପ୍ରାଚୀର ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଗଲା ।

ପ୍ରଗତିଶ୍ରୀ ମହିଳା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ବାଲେଶ୍ୱର, ୧୩/୦୩ (ଆ.ପ୍ର) : ସଦେବେଖୁ । ବ୍ୟାସକବି ନଗରସ୍ଥିତ ଇନ୍ଦିରା ସାହିରେ ଆନ୍ତର୍ଜାତୀୟ ମହିଳା ଦିବସ ସମ୍ପାଳ ପାଳନ ଅବସରରେ 'ପ୍ରଗତିଶ୍ରୀ ମହିଳା ସମିତି' ଓ 'ଗୁରୁକୁଳ ଯୋଗକେନ୍ଦ୍ର'ର ମିଳିତ ସହଯୋଗରେ ଗୁରୁବାର ଦିନ ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ମାମିନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ସାମାଜିକ କର୍ମୀ ଗୌରୀରାଣୀ ଉପାଧ୍ୟାୟ, ସିପିଆଇ ଜିଲ୍ଲା ସଭାପତି ରାଗବତ ପ୍ରତିହାରୀ ଓ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ ବିଶ୍ୱ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଅନ୍ଧବିଶ୍ୱାସ ଓ କୁସଂସ୍କାର ପରିତ୍ୟାଗ କରି ମହିଳାମାନେ ସଂବିଧାନ ପ୍ରଦତ୍ତ ସମସ୍ତ ଅଧିକାର ଓ ସ୍ୱେଚ୍ଛାପ୍ରତି ଜ ଂ ବାଳୁ ସୁସମ୍ପାଦନ କରିବାକୁ ବକ୍ତାମାନେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । ସମିତି ପକ୍ଷରୁ ନିଳାଗିରା ପାଳନାୟକ ଓ ସୁପ୍ରିତା ଦାସ ମଙ୍ଗଳାଚରଣ ଓ ଯୋଗଦେଇ ପକ୍ଷରୁ ଲତିଶ୍ରୀ ଦେବ୍ ମହିଳାମାନେ ସଙ୍ଗୁଖାନ ଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏକାଧିକ ପ୍ରସ୍ତାବ ଦେବାକୁ କହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରତିମା ପରିଡ଼ା ସଙ୍ଗୀତ ଦେବାକୁ କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମିତା ରାୟ ଓ ରାନୀ ଜେନା ପ୍ରମୁଖ ସହଯୋଗ କରିଥିଲେ । ଜନକ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ନିୟୁ କମଳା ଜୁୟେଲାରୀ ପକ୍ଷରୁ ଲଟାରୀ ଉଠାଣ କାର୍ଯ୍ୟକ୍ରମ

ବାଲିଆପାଳ, ୧୩/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଗନ୍ନାଥ ମନ୍ଦିର ରୋଡ଼ରେ ନୂଆ ଭରି ଖୋଲିଥିବା ନିୟୁ କମଳା ଜୁୟେଲାରି ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜୁୟେଲାରି ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଶିକ୍ଷକ ଯୋମାକେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଣ୍ଟା ଏସଡିପିଓ ମାନସ ଦେଓ ଯୋଗଦେଇ ଏହି ଲଟାରୀ ଉଠାଣ କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ । ସିମୁଳିଆ ବଜାର ଠାରେ ୭୦ ବର୍

ସମ୍ବାଦକ
ଆରମ୍ଭ
SEITHO AREMBHA
ଶନିବାର, ୧୪ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଗୋପାଳନ ଓ ସ୍ୱୟଂସହାୟକ ଗୋଷ୍ଠୀ

ଆଜିକାଲି ଖର୍ଚ୍ଚାନ୍ତ ଯୁଗରେ ଖର୍ଚ୍ଚର ଭରଣା ପାଇଁ ଅର୍ଥ ରୋଜଗାର ବହୁତ ଆବଶ୍ୟକ। ପ୍ରତ୍ୟେକ ଘରର ନାରୀମାନେ ଏହି ଅର୍ଥର ଆବଶ୍ୟକତାକୁ ଠିକ୍ ଭାବରେ ବୁଝିଛି ଆର ଠିକ୍ ଭାବରେ ପରିଚାଳନା କରନ୍ତି । କୌଣସି ଘରେ ପୁରୁଷ ଅପେକ୍ଷା ନାରୀଟିଏ ପରିବାର ମୂଲ୍ୟକୁ ଅଧିକ ବୁଝିଥାଏ ଓ ପରିଚାଳନା ମଧ୍ୟ ଅନୁରୂପ ଭାବରେ କରିଥାଏ । କିନ୍ତୁ ଅତୀ ଥିଲେ ତ ଆମେ ତାକୁ ପରିଚାଳନା କରିବା । ତେବେ କେଉଁଠୁ ଆସିବ ସେ ଅର୍ଥ । ଫସଲ ହାନି ଯୁଗରେ ଗୋପାଳନ, କୁକୁଡ଼ା ପାଳନ, ଛେଳି, ମଷା ପାଳନ ଇତ୍ୟାଦି ଆସଉଣମାନଙ୍କ ପାଖରେ ବିକଳ୍ପ ହୋଇ ଠିଆ ହୋଇଛି । ତେବେ ଆପଣମାନଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ଗୋପାଳନ, କୁକୁଡ଼ା ପାଳନ ଓ ଛେଳିମେଷା ପାଳନ କ'ଣ ହେବ ନାହିଁ କିନ୍ତୁ ଆଜ ଅଥବା କ'ଣ ହେବ ସେଇତ କଥା । କୌଣସି ଚାଷକୁ ଆମେ ଯଦି ଠିକ୍ ଭାବରେ କରିପାରିବା ତାହେଲେ ଠିକ୍ ମୂଲ୍ୟ ଦେଇପାଇ ଯାଇପାରିବା । ଠିକ୍ ଭାବରେ ନ କଲେ ଆମେ ଚିନ୍ତାରହିତ ହଙ୍ଗରେ ଅର୍ଥ ରୋଜଗାର କରୁଥିବା । ଅନେକ ସମୟରେ ଦେଖାଯାଏ ଆମର ଚାଷୀ ଭାଇଭଉଣୀମାନେ ଗାଈ, ଘୋଡ଼ାଗରେ ହଜାର ହଜାର ଲିଟର କ୍ଷୀର ଢାଳି ଦିଅନ୍ତି । ଏହାକୁ ସେମାନେ ପ୍ରତୀକାତ୍ମକ ଆନ୍ଦୋଳନ ହିସାବରେ ପରିଚାଳନା କରନ୍ତି । ପ୍ରଶାସନ, ବିଧାୟକ ସେମାନଙ୍କ କଥା ବୁଝିଛାନି । କ୍ଷୀରର ଠିକ୍ ମୂଲ୍ୟ ମିଳୁନାହିଁ ଇତ୍ୟାଦି ଘୋଷ କାନ୍ଦନ୍ତି । କିନ୍ତୁ କ୍ଷୀର ଜିଣୁଥିବା ସଂସ୍ଥା ଏକ ନିର୍ଦ୍ଦିଷ୍ଟ ମୂଲ୍ୟକୁ ଅଧିକ ମୂଲ୍ୟ ଯେ ଦେଇପାରିବେ ନାହିଁ । ଏହା ସ୍ଥିର ସତ୍ୟ ଆୟୋଜନ ପରେ ଯାଇଥିଛି ଜିତର ପିଛା ମୂଲ୍ୟ ମିଳେ । ସେଥିରେ ସନ୍ତୋଷ ହୁଅନ୍ତି ନାହିଁ ଚାଷୀ ଭାଇଭଉଣୀମାନେ । ୨୦୧୪-୧୫ ବର୍ଷର ପରିସଂଖ୍ୟାନ ଯଦି ଦେଖାଯାଏ ଓଡ଼ିଶାରେ ମୁଖପିଛା ୧୧୮ ଗ୍ରାମ ଦୁଗ୍ଧ ଉତ୍ପନ୍ନ ହୁଏ । କିନ୍ତୁ ଇଣ୍ଡିଆନ୍ କାଉନ୍ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚ କୁହେ । ପ୍ରତ୍ୟେକ ମଣିଷ ଦିନକୁ ୨୮୦ ଗ୍ରାମ କ୍ଷୀର ଖାଇବା ଦରକାର । ଓଡ଼ିଶାର ଲୋକେ ୧୧୮ ଗ୍ରାମରୁ ବି କମ୍ କ୍ଷୀର, କ୍ଷୀର ଜାତୀୟ ପଦାର୍ଥ ଦୈନିକ ଖାଆନ୍ତି । ତେଣୁ ଅନେକ ସମୟରେ ବଜାର କ୍ଷୀର ବଳିପଡ଼େ । କିନ୍ତୁ ଦୋହନ ପାରିବା ଯୋଗୁ ଫିଟି ଦିଆଯାଏ । ଓଡ଼ିଶାର ଜନସଂଖ୍ୟା ଯଦି ଆପତତଃ ୪.୨ କୋଟି ହୁଏ ବର୍ତ୍ତମାନ ଆଉ ଦୈନିକ (୨୮୦-୧୧୮ ଗ୍ରାମ ଗ ୪.୨ କୋଟି) ୬୮୦୪୪୦୦୦ କି.ଗ୍ରା. ଦୁଗ୍ଧ ଉତ୍ପନ୍ନ କରିବାର ଅଛି ଓ ଏଥିଠାରୁ ଅଧିକ ଦୁଗ୍ଧ ଅବା ଦୁଗ୍ଧ ଜାତୀୟ ପଦାର୍ଥ ଓଡ଼ିଶାବାସୀ ଦୈନିକ ଖାଇବାର ଅଛି । ଆମେ ଚାହେଁ କେମିତି ଦୁଗ୍ଧରୁ ତିଆରି ପନିର, ଛେନାପୋଡ଼, ପେଡ଼ା ଇତ୍ୟାଦି ପଦାର୍ଥ ଦୋକାନରୁ କିଣୁ ପର୍ବପର୍ବାଣି, ବିବାହ, ବ୍ରତ, ଛଣ୍ଟ ଘରକୁ ଯିବାସମୟେ ଆମେ ଅଂଚଳରେ ଥିବା ଚେତେକ ଦୋକାନରୁ ଏସବୁ କିଣୁ । ସେଇସବୁ ଦୋକାନରେ କୌଣସି କାରିଗର ତାକୁ ତିଆରି କରେ । ଆମେ ଯଦି ସେ ସବୁ ତିଆରି କରିବାର କଳା ଶିଖୁଥୁ ଓ ତତ୍ ସଙ୍ଗେ ସଙ୍ଗେ ତାକୁ ପ୍ରତ୍ୟେକ ପର୍ବପର୍ବାଣି ଏବଂ ଅନ୍ୟ ଦିନଗୁଡ଼ିକରେ ମଧ୍ୟ ପ୍ରତ୍ୟେକ ଘରେ ବ୍ୟବହାର କରିବା ତେବେ ଅନେକ ସମସ୍ୟା ସମାଧାନ ହେବା ଦେଣୁ ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନଙ୍କୁ ନିବେଦନ, ଆପଣମାନେ ପ୍ରତ୍ୟେକ ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀରେ ଏହାର ତିଆରି ଆରମ୍ଭ କରନ୍ତୁ ଏବଂ ଗାଆଁରେ ଥିବା ସ୍ୱୟଂ ସହାୟକ ସହାଙ୍ଗାନଙ୍କ ମଧ୍ୟରେ ମୂଲ୍ୟବେଦ କିମି ନିଅନ୍ତୁ । ଏହାଦ୍ୱାରା ପ୍ରାୟ ପ୍ରତ୍ୟେକ ଘରେ ଏହି ଦୁଗ୍ଧଜାତ ଦ୍ରବ୍ୟ ଉପଲବ୍ଧ ହେବା ପରୀକ୍ଷାମୂଳକ ଭାବେ ପର୍ବପର୍ବାଣିରେ କରିବାଠାରୁ ଆରମ୍ଭ କରେ ଆପଣମାନେ ସପ୍ତାହର ଅନ୍ୟଦିନରେ ମଧ୍ୟ ଏହାକୁ ତିଆରି କରିପାରିବେ । ଏହାଦ୍ୱାରା କିଛିଦିନ ପରେ ଆପଣଙ୍କ ଂଚାଇଅଡ ଅବା ବ୍ଲକର କୌଣସି ନା କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ଭଲ ପନିର, ଛେନାପୋଡ଼, ପେଡ଼ା ଇତ୍ୟାଦି ତିଆରି କରିବେ । ବ୍ଲକରେ ଥିବା ସମସ୍ତ ସ୍ୱୟଂ ସହାୟିକାମାନେ ନିଜର ତଥା ନିଜର ବନ୍ଧୁତାଙ୍କରଙ୍କ ଦରକାର ତେବେ ସେହି ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀରୁ ଦୁଗ୍ଧ ଜାତ ପଦାର୍ଥ କିଣିପାରିବେ । ନିଜ ନିଜ ଭିତରେ ଆପଣମାନେ ପ୍ରଚାର ପ୍ରସାର ବଳରେ ତାହା ଆଖପାଖ ଅଂଚଳରେ ପ୍ରସାରଣ କରିପାରିବେ । ତେଣୁ ପ୍ରଥମେ ଆମେ ଆମମାନଙ୍କ ଭିତରେ ଦୁଗ୍ଧଜାତ ପଦାର୍ଥ ଖାଇବାର ଅଭ୍ୟାସ ବଢ଼ିବା ଦରକାର । ଜାତୀୟତା ସ୍ୱରୂପ ଆନ୍ଧ୍ରପ୍ରଦେଶର ପ୍ରତ୍ୟେକ ହୋଟେଲରେ ପ୍ରତି ମିଞ୍ଚରେ ସେମାନେ ଦହି ଖାଆନ୍ତି । ଯଦି ଆମେ ନିୟମିତ ଭାବରେ ପଳିଲ୍ ତିଆରି କରିବା ଆଜିକାଲି ଭାଲି, ଆଳୁଚୁ ନେଇ ଯେଉଁ ଅଭାବରୋଧ) ହେଉଛି ତାହା ଆମ ଭିତରେ ବେଶି ରହିବ ନାହିଁ । ପୁନଶ୍ଚ ପନିପରିବାର ମୂଲ୍ୟ ବୃଦ୍ଧି ଯୋଗୁ ଯେଉଁ ଅଧିକ ଖର୍ଚ୍ଚ ହେଉଛି ତାହା ରୋକାଯାଇପାରିବ । ତତ୍ ସଙ୍ଗେ ସଙ୍ଗେ ଆମ ଶରୀର ସୁସ୍ଥ ରହିପାରିବ । କାରଣ ଦୁଗ୍ଧ ହେଉଛି ଏପରି ଏକ ପଦାର୍ଥ ଯେଉଁଥିରେ ସବୁପ୍ରକାର ଶ୍ୱେତସାର, ସେହସାର, ପୁଷ୍ଟିସାରପରୁ ଆରମ୍ଭ କରି ସବୁ ଭିଟାମିନ୍ ମିନେରାଲ ଥାଏ । ଏହାକୁ ଏକ ପୂର୍ଣ୍ଣ ଖାଦ୍ୟ ବୋଲି କୁହାଯାଏ । ଏଥିପାଇଁ ଭାରତରେ ଯଦି ଦୁଗ୍ଧ ଜାତ ପଦାର୍ଥର ଖାଇବା ଅଭ୍ୟାସ କରାଯାଏ ଓ ତାକୁ ତିଆରି କରିବା ପାଇଁ ଆବଶ୍ୟକ ଦୁଗ୍ଧ ବ୍ୟବହାର କରାଯାଏ ତେବେ ଦେଖାଦେବ । ଆହୁରି ଦୁଗ୍ଧ ଉତ୍ପାଦନ କରିବାକୁ ପଡ଼ିବ । ସେହିପରି ଛେନାପୋଡ଼, ରସଗୋଲା, ପେଡ଼ା ଇତ୍ୟାଦି ଆମେ କେବେକ ସ୍ୱୟଂ ସହାୟକ ଗୋଷ୍ଠୀରେ ତିଆରି କରି ବୋଲାର ବଜାରରେ ଅଧିକ ଖର୍ଚ୍ଚରୁ ରୋକିପାରିବା ।

ସଂଯମତାର ସମୟ : ଚତୁର୍ମାସ୍ୟା

॥ ନିରୁପମା ଭୂୟାଁ ॥

ଆମର ପ୍ରିୟ ଋଷି ମୁନିମାନେ ଜୀବନର ଉ ାନ ନିମନ୍ତେ ଅଭିନବ ଜୀବନ ପଛରେ ବିଚଳିତ କରିଛନ୍ତି । ଋତୁ ଅନୁକୂଳ ବିଭିନ୍ନ ପର୍ବପର୍ବାଣୀର ବିଧି ନିର୍ମାଣ କରିଛନ୍ତି । ଚତର୍ମାସ୍ୟା ଏପରି ଏକ ବିଶେଷ ଅବସର, ଯାହାର ଶୁଭାରମ୍ଭ ଦେବଶୟନୀ ଏକାଦଶୀ (ଆଷାଢ଼ ଶୁକ୍ଳ ଏକାଦଶୀ) ଠାରୁ ହୋଇ ସମାପନ ଦେବୋତ୍ଥାପନ ଏକାଦଶୀ (କାର୍ତ୍ତିକ ଶୁକ୍ଳ ଏକାଦଶୀ)ରେ ହୋଇଥାଏ । ବର୍ଷା କାଳର ଏହି ଚାରି ମାସ (ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ)ର ଅବଧିରେ ଆମର ମନିଷିମାନେ ଆଧ୍ୟାତ୍ମିକ ଉ ାନ ନିମନ୍ତେ ବିଶେଷ ସୁଯୋଗ ଆସିଥାଏ ବୋଲି ମାନ୍ୟତା ପ୍ରଦାନ କରିଅଛନ୍ତି । ଦେବଶୟନୀ ଏକାଦଶୀ ସହିତ ଏହି ବିଶେଷ ସାଧନା କାଳର ଶୁଭାରମ୍ଭ ପଛରେ ଧର୍ମଶାସ୍ତ୍ରରେ ଏକ ରୋଚକ କଥା ଉଲ୍ଲେଖ କରାଯାଇଛି । ଅସୁରରାଜ ବିରୋଚନର ପୁତ୍ର ଏବଂ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଅସୁରରାଜ ବଳି ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ସ୍ୱର୍ଗ ଅଧିକାର କରିନେଇଥିଲେ । ଏହି ବିଜୟ ପରେ ସେ ଅହଂକାରୀ ହୋଇ ଉଠିଲା । ମହାବିଜୟ ଉପଲକ୍ଷେ ବଳି ଏକ ଅଶ୍ୱମେଧ ଯଜ୍ଞ ଆୟୋଜନ କଲା । ଶ୍ରୀହରି ନିଜ ପ୍ରିୟ ଭକ୍ତର ଅହଂକାର ଦୂର କରିବା ଲାଗି ବାମନ ଅବତାର ନେଇ ଏକଂଦାନ ସ୍ୱରୂପ ତିନିପାଦ ଭୂମି ବଳିଙ୍କୁ ମାଗିଲେ । ବଳି ସଂକଳ୍ପ କଲାରୁ ଶ୍ରୀବାମନ ତିନି ପାଦରେ ସ୍ୱର୍ଗ, ମ ୟ ଏବଂ ପାତାଳ ମାପିଲେଲେ ଓ ବଳିଙ୍କୁ ପାତାଳରେ ଚାପି ଦେଲେ । ଅନ୍ୟ ଏକ ବରଦାନ ସ୍ୱରୂପ ଶ୍ରୀହରି କଥାଦେଲେ ଯେ ସେ ବର୍ଷାକାଳ ଚାରି ମାସ ପାତାଳ ଲୋକରେ ରହିବେ । ଯେଉଁ ସମୟରେ ଶ୍ରୀବିଷ୍ଣୁ ଭକ୍ତ ବଳିର ପ୍ରାର୍ଥନା ସ୍ୱୀକାର କଲେ ତାହା ଥିଲା ଦେବଶୟନୀ ଏକାଦଶୀ ।

କୁହାଯାଏ ଯେ ସେବେ ଠାରୁ ଚତୁର୍ମାସ୍ୟା ଅବସରରେ ଶ୍ରୀହରି ଯୋଗନିଦ୍ରା ଯାଇଥାଆନ୍ତି । ଏହି ସମୟରେ ତାଙ୍କର ପୂଜା - ଆରାଧନା ସହିତ ସମ୍ପର୍କ ନଥାଏ । ଆଜି ଠାରୁ ଆରମ୍ଭ ହୋଇଥିବା ଚତୁର୍ମାସ୍ୟାରେ ଶ୍ରୀହରିଙ୍କ ଶୟନ କାଳ ସମୟରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ନିଷିଦ୍ଧ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଚାରି ମାସ ପର୍ଯ୍ୟନ୍ତ ସୃଷ୍ଟି ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦେବାଦିଦେବ ମହାଦେବ ବୃଷାଇଥାଆନ୍ତି । ପ୍ରାଚୀନ କାଳରେ ସାଧକ ଏହି ଚାରି ମାସ ଗୋଟିଏ ସ୍ଥାନରେ ରହି ସାଧନା କରୁଥିଲେ । କିଛି ଲୋକ ଆଜି ମଧ୍ୟ ଏହି ପରମ୍ପରାର ପାଳନ କରିଥାଆନ୍ତି । କୃଷକମାନଙ୍କୁ ପୃଥିବୀର ପାଳକର ାଁ କୁହାଯାଏ । କାରଣ ଅନ୍ନ କୃଷକମାନେ ଉତ୍ପନ୍ନ କରିଥାନ୍ତି । ଋଷିମୁନିଗଣ ବର୍ଷା ଋତୁ ଚାରିମାସ କୃଷକମାନଙ୍କର କୃଷି କାର୍ଯ୍ୟରେ ଲିପ୍ତ ରହିବାର ଆହ୍ୱାନ ପ୍ରତି କାଳ ଭାବେ ଅତିଥିର କରି ଦେବ, ପୁରାଣ ଆଦି ଧର୍ମଗ୍ରନ୍ଥରେ ଅଧ୍ୟୟନ, ବ୍ରତଣ ପରମ୍ପରା ଆରମ୍ଭ କରିଛନ୍ତି । ଚତୁର୍ମାସ୍ୟା ସମୟରେ ଶରୀର ତଥା ମନକୁ ସଶକ୍ତ କରିବା ଲାଗି କେତେ କ୍ରିୟା ବିଷୟରେ କୁହାଯାଇଛି । ଅଧିକ ଆର୍ଦ୍ର ବାତାବରଣରେ ଆମର ପାଚନ କ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ । ଏହି କାରଣରୁ ଆମର ଋଷି ମୁନିମାନେ ଚାରି ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସାଦା, ତତ୍ତକା ଏବଂ ସୁପାଚ୍ୟ ଭୋଜନ ଗ୍ରହଣ କରିବା ଲାଗି ନିୟମ ଉପନିୟମ ନିର୍ଦ୍ଧାରଣ କରିଛନ୍ତି । ଯାହା ର ାମାନ ସମୟରେ ମଧ୍ୟ ଦେଶ ଉପଯୋଗୀ । ବର୍ଷାକାଳରେ ମାଂସାହାର, ପତ୍ରଯୁକ୍ତ ଶାକ ଏବଂ ଦହି ସେବନ ପାଇଁ ବାରଣ କରାଯାଇଛି । ଜୈନ ଧର୍ମରେ ମଧ୍ୟ ଚତୁର୍ମାସ୍ୟାର ମହତ୍ତ୍ୱକୁ ସ୍ୱୀକାର କରାଯାଇଛି । ଭାଗବତ ନେମିମାନ କହିଛନ୍ତି ଯେ ଏହି ସମୟରେ ପୃଥିବୀରେ ଅସଂଖ୍ୟ ଜୀବ ଉତ୍ପନ୍ନ ହୋଇଥାନ୍ତି । ସେହି ଜୀବଜନ୍ତୁମାନଙ୍କୁ ରକ୍ଷା କରିବା ଲାଗି ଜୈନ ଶିକ୍ଷୁମାନେ ଗୋଟିଏ ସ୍ଥାନରେ ରହି ଆରାଧନା କରିଥାନ୍ତି । ଚତୁର୍ମାସ୍ୟାରେ ଜୈନ ଧର୍ମର ପବିତ୍ର ପର୍ବ ପର୍ଯ୍ୟୁଷଣ ପାଳନ କରାଯାଇଥାଏ ।

ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟଶାଲ ସେଠା ସମ୍ପର୍କ, ଜେନ୍ତ୍ରାପଡ଼ା ଜିଲ୍ଲା, ପଲାଲ ବାଲିହନ୍ଦ୍ରପୁର, ଯାଜପୁର, ଦୂରଭାଷ:୯୯୩୭୪୭୦୯୮୦

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କୈବଲ୍ୟ ମୁକ୍ତି

॥ ରୋହିତ କୁମାର ଶତପଥି ॥

'ସର୍ବଂ ରହସ୍ୟ ପୁରୁଷୋ ମହ୍ୟ, ଦେବାଶ୍ଚ ନ ଜାନାତି କୁତଃ ମନୁଷ୍ୟ ।' ଜଗତରଚୟିତା ଶ୍ରୀ ଜଗନ୍ନାଥ । ସେ ପରମବ୍ରହ୍ମ, ପରମାତ୍ମା, ନିର୍ବିକାର । ସର୍ବଧର୍ମ ସମନ୍ୱୟର ପୀଠସ୍ଥଳୀ ହେଉଛି ଶ୍ରୀକ୍ଷେତ୍ର । ଜନମାଳସରେ ଜଗନ୍ନାଥ ଧର୍ମ ବା ଜଗନ୍ନାଥ ସଂସ୍କୃତି ଯେପରି ଭାବରେ ପ୍ରତିଭାତ ହୋଇଛି ତାହା ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳେନାହିଁ । ଜଗତରଚୟିତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଶବରମାନେ ଦାରୁଦେବତା ଭାବେ ପୂଜା କରୁଥିବାବେଳେ ବୈଷ୍ଣବମାନେ ଶ୍ରୀପତିରୂପେ ପୂଜା କରନ୍ତି । ଠିକ ସେହିପରି ଶାକ୍ତମାନେ ଶକ୍ତି, ଶୈବମାନେ ଶୈବ, ଗୌଣ୍ଡମାନେ ବୁଦ୍ଧ ଏବଂ ଜୈନମାନେ ତୀର୍ଥଙ୍କରଦେବ ରୂପେ ପୂଜା କରିଥାନ୍ତି । ବିଭିନ୍ନ ଧର୍ମ, ଦର୍ଶନ, ସଂସ୍କୃତି ତଥା ପରମ୍ପରାକୁ ଆଧାର କରି ଶ୍ରୀଜଗନ୍ନାଥ ଧର୍ମ ତଥା ସଂସ୍କୃତି ଏକ ଚିରନ୍ତନ ସମନ୍ୱୟର ପ୍ରତୀକ ଭାବେ ଦଣ୍ଡାୟମାନ । ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ମହାନ ତଥା ସର୍ବଧର୍ମ ସମନ୍ୱୟର ଯାତ୍ରା । ଏହି ଯାତ୍ରା ହେଉଛି ସର୍ବ ପ୍ରାଚୀନ ଓ ପୁରାତନ ।

ଜଗନ୍ନାଥ ଦେବତା ହେଲେ ମଧ୍ୟ ର ମ ମଣିଷ । ମାନବୋଚିତ ଗୁଣାବଳୀ ମଧ୍ୟରେ ତାଙ୍କର ସେବା ପୂଜାର ସୃଷ୍ଟି । ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଯାତ୍ରାପ୍ରାପ୍ତ ଓ ପର୍ବପର୍ବାଣୀ କୃଷି ସହିତ ଓତପ୍ରୋତ ହୋଇଥିବାରୁ ତାହାଙ୍କ ନିମନ୍ତେ ଉତ୍ସବ ନୀତି, ରୋଗ ଓ ଦୈନନ୍ଦିନ ସେବାକାର୍ଯ୍ୟ ଆଦି ଶସ୍ୟାର ରୋପଣ, ଉତ୍ପନ୍ନ, ଅମଳ ଓ ସଂରକ୍ଷଣ ସହିତ ଓତପ୍ରୋତ । ଏଉଡ଼ିକି ହିଁ ମାନବ କର୍ମ ଓ ଧର୍ମର ପ୍ରତିଛବି । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବର୍ଷସାରା ପର୍ବପର୍ବାଣି ଲାଗି ରହିଥିବାରେ ମଧ୍ୟ ଚତୁର୍ଦ୍ଧାରୁ ଚାରଗୋଟି ବିଶେଷ ଉତ୍ସବ ଭାବରେ ପାଳିତ ହୁଏ । ସେଗୁଡ଼ିକ ଦ୍ୱାରଯାତ୍ରା ନାମରେ ଅଭିହିତ । ଏ ସମ୍ପର୍କରେ ନାଳନ୍ଦିରେ ଗୋଟିଏ ଶ୍ଳୋକ ପ୍ରଚଳିତ ଅଛି - 'ମାଟମ୍ବୁଙ୍ଗ' ରଥବର ରତି ଶୟନ' ଚାମନମ୍ବୁଙ୍ଗ, ପର୍ଶ୍ୱର୍ତ୍ତି ଶୟନ ନିବୃ ାପ୍ରାବରାଃ ପୃଷ୍ଠୀପୂଜା । ଦୋଳ କେଳିର୍ମାନଙ୍କ ମାଳପୂଜା ତୃତୀୟ, ଚେତ୍ରପ୍ରାନ୍ତ ବିଧିମିଳିତା ଦ୍ୱାଦଶେଷ ନରେନ୍ଦ୍ର ।'

ଓଡ଼ିଆ ଜାତିର ମହାନ ପ୍ରାଚୀନ ସଂସ୍କୃତିର ପ୍ରତୀକ ଏ ଯାତ୍ରା ରଥଯାତ୍ରା । ଜୈନ, ବୌଦ୍ଧ, ଶୈବ, ଶକ୍ତ, ଗାଣପତ୍ୟ, ମହିମା ଓ ବୈଷ୍ଣବାଦି ଧର୍ମରାଧାର ଓ ଦର୍ଶନକୁ ଆତ୍ମସାତ୍ କରି ଦାରୁଦେବତା ଜଗନ୍ନାଥ ଏ କଳିଯୁଗରେ ମୁକ୍ତିକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏ ରଥଯାତ୍ରାର ସୃଷ୍ଟି ଓ ଉଦ୍ଦେଶ୍ୟ । ରଥାରୂଢ଼ ଦାରୁଦେବତା-ଜଗନ୍ନାଥ ଭକ୍ତି, ଜ୍ଞାନ ଓ କର୍ମର ମୂଳାଧାର ଭାବରେ ଶ୍ରଦ୍ଧାଳୁ ଭକ୍ତ ହୃଦୟରେ ସାକାର ନିରାକାର ଭାବନା ସୃଷ୍ଟି କରିଛି । ରଥରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ 'ଙ୍କ୍ଷ' ଶବ୍ଦଜଦ୍ 'ଶ୍ରୀ' ଓ ଦେବୀ ସ୍ତୁତ୍ତ 'ଶ୍ରୀ' ରୂପେ ସତ୍-ଚିତ୍-ଆନନ୍ଦ ତଥା ଶକ୍ତି-ମୁକ୍ତି ଓ ବିଦ୍ୟୁତିର ମହ ର ବିନ୍ଦାରେ ପ୍ରତିପ୍ରକାଶିତ । ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁଙ୍କ ଏକାଳି ମନୋହରରେ କର୍ମରେ, ଧର୍ମରେ, ଜନ୍ମରେ ଓ ଜାତିରେ ସାମ୍ୟବୋଧର ମହାମନ୍ତ୍ରକୁ ପ୍ରଚାର କରୁଥିବା ଏ ରଥଯାତ୍ରା ମାନବଗତିକ ଭାବ ସୃଷ୍ଟି କରି ଚାଲିଛି । ରଥଚକ୍ରର ଘୋଷଣାଦରେ ଜନମାନସରୁ ସକଳ ପ୍ରକାର ଅନ୍ଧକାରଣ୍ଡ ଓ ଦୁଷ୍ଟତା ଦୂରୀଭୂତ ହୋଇ ଜଗତର ହିତସାଧନ ହେଉଥିବାରୁ ଏ ଯାତ୍ରାର ଅନ୍ୟନାମ ଘୋଷ ଯାତ୍ରା ।

ପୁରୀ ବଡ଼ଦାଣ୍ଡର ଅଗାଧ ଜନସମୁଦ୍ର ବିନ୍ଦୁଟିଏ ହୋଇ ମନ୍ଦିର ପଟେ ଅନ୍ୟ ତିନୋଟି ରଥ ପ୍ରସ୍ତୁତ କରି ରଖାଯାଉଥିଲା । ଏଭଳି ଅନେକ ବର୍ଷ ବିତି ଯିବା ପରେ ଶ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ଗଜପତି ରାଜା ଦ୍ୱିତୀୟ ନରସିଂହଦେବଙ୍କ ରାଣୀ ଶ୍ରଦ୍ଧାଦେବୀ ନଦୀକୂଳରେ ପୋତି ଦିଆଯାଇପାରିବ, ତେବେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ତିନୋଟି ଯାକ ରଥ ବାହାରି ଆଉ ନଇ ପାଖରେ ନ ଅଟକି ସିଧାସଳଖ ଗୁଣ୍ଡିଚା ମନ୍ଦିର ପାଖକୁ ଚାଲିଯାଇ ପାରିବ । ତେଣୁ ଏହି ନଦୀକୁ ପୋତି ଦେଇଥିଲେ । ଏବେ ସେ ନଇ ଆଉ ନାହିଁ । କିନ୍ତୁ ରାଣୀ ଶ୍ରଦ୍ଧାଦେବୀଙ୍କ ନାମାନୁସାରେ ସେ ସ୍ଥାନଟି ଶରଦାବାଲି ହୋଇ ରହିଯାଇଛି । ଏ ସମ୍ପର୍କରେ ଆଜ ଗୋଟିଏ କିମ୍ବଦନ୍ତୀ ଅଛି । ଶଙ୍ଖୁଆ ନଦୀର ଗୋଟିଏ ଧାର 'ଶରଦା' ପୁରାଣ ବଡ଼ଦାଣ୍ଡ ଓ ଗୁଣ୍ଡିଚା ମଣ୍ଡପକୁ ବୁଲାଗ କରୁଥିଲା । ଛ'ଟି ରଥରେ ଏପରେ ତିନୋଟି ଓ ଆଗରେ ତିନୋଟି ରଥ ଠାକୁରମାନେ ଯାତାୟତ କରୁଥିଲେ । ଶ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ଗଜପତି ରାଜା ନରସିଂହଦେବଙ୍କ ରାଜତ୍ୱକାଳରେ ଅଠରନଳା ବା ଶଙ୍ଖୁଆ ସେତି ନିର୍ମିତ ହୋଇଥିଲା । ତାହାଙ୍କ ରାଣୀ ଶ୍ରଦ୍ଧାଦେବୀଙ୍କ ଉଦ୍ୟମରେ ଏହି ଶଙ୍ଖୁଆ ନଦୀର ଧାର 'ଶରଦା' ନଦୀଶଯ୍ୟାକୁ ଶତବ୍ଦ ଶତବ୍ଦ ବାଲିରେ ପୋତି ଦିଆଯାଇଥିଲା । ଫଳରେ ରଥଯାତ୍ରା ବେଳେ ଶ୍ରୀଜଗନ୍ନାଥଙ୍କର ଗମନା ଗମନ ସୁଗମ ହେଲା । ସେହିଦିନ ଠାରୁ ଶରଦା ନଦୀର ବାଲିକୁ ଲୋକେ ଶ୍ରଦ୍ଧାରେ 'ଶରଦାବାଲି' ବୋଲି କହିଲେ । ତେଣୁ ଶ୍ରଦ୍ଧାର ମୂଲ୍ୟବୋଧକୁ ଉଦଘୋଷଣା କରି ଭକ୍ତଜନର ଶ୍ରଦ୍ଧାଭାଜନ ହୋଇପାରିଛି ଏହି ଶରଦାବାଲି । ଭକ୍ତଜନ ନାଳାମ୍ବର ଦାସ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମୁଖରେ କହିଛନ୍ତି - 'ଏହି ବର ଦିଅ ପ୍ରଭୁ ନିତ୍ୟ ମୁଁ ଆଦ୍ରପ, ବେଦୀ ପାଖାଳିବି ଏହି ମୋ ସେବା ସ୍ୱରୂପ । ମୁଣ୍ଡିଆ ମରାଙ୍କୁ ମୁହିଁ ନିତ୍ୟ ସେବାକରି, ଶରଦାବାଲି ପାଟରା ବପାଣ ଦିଅ ହରି ।' ଏ ସଂସାର ସାଗର ପାରିହେବା ପାଇଁ, ଭବ ବନ୍ଧନରୁ ମୁକ୍ତି ପାଇବା ପାଇଁ ଭକ୍ତଟିଏ ଆକୁଳ ଆବେଦନ କରୁଛି ମହାପ୍ରଭୁ ଜଗନ୍ନାଥଙ୍କ ଠାରେ । ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ କବି ବନମାଳୀ ଜଗନ୍ନାଥଙ୍କୁ ଧନ, ଜନ, ସୁଖ, ଐଶ୍ୱର୍ଯ୍ୟ, ନମାଗି, ମାଗିଛନ୍ତି ଶରଦାବାଲିରୁ ହାତେ । 'ଜଗନ୍ନାଥ ହୋ ! କିଛି ମାଗୁନାହିଁ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ଅନ୍ତିମ ପର୍ଯ୍ୟାୟରେ ଜିଲ୍ଲାର ୧୦୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ନବରଙ୍ଗପୁର, ୧୩/୦୩ (ଆ.ପ୍ର) : ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ଠାରେ ଗତ ୧୦.୩.୨୦୨୬ରୁ ଆରମ୍ଭ ହୋଇଥିବା ଚାରି ଦିନିଆ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ସମାପ୍ତ ହୋଇଯାଇଛି । ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୦୮୨ ଜଣ ନିବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ଗାଣ୍ଡୋ ଏନଟ୍ରୋଲୋଜିରେ ୨୨୫, ଜେନେରାଲ ସର୍ଜିରାରେ ୧୨୮, କାର୍ଡିଓଲୋଜିରେ ୧୬୩,ୟୁରୋଲୋଜି ରେ ୮୭, ନ୍ୟୁରୋଲୋଜି ରେ ୩୫୭, ନେଫ୍ରୋଲୋଜିରେ ୧୪୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜ, କଟକରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଙ୍କ ଦ୍ୱାରା କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୧୯୯ ଜଣଙ୍କ ଅଲଟ୍ରାସାଉଣ୍ଡ, ୫୩ ଜଣଙ୍କ ଇକୋ,୨୩ ଜଣଙ୍କ ଏଣ୍ଡୋସ୍କୋପି, ୬୩ ଜଣଙ୍କ ଏନ୍ଜେରେ, ୩୧୮ ଜଣଙ୍କ ଲାବଟେଷ୍ଟ,୧୦୫ ଜଣଙ୍କ ଇ ସି ଜି,୪୪ ଜଣଙ୍କ ସିଟି ସ୍କାନ କରାଯାଇଥିଲା । ମୋଟ ୭ ଜଣ ରୋଗୀଙ୍କ ଅଷ୍ଟୋପ୍ରଚାର କରାଯାଇଛି । ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ସେବା ଦ୍ୱାରା ରୋଗୀମାନେ ଉପକୃତ ହେବେ ଓ ଶୀଘ୍ର ଉପଶମ ଲାଭ କରିବେ ବୋଲି ଆଶା କରାଯାଉଛି ।

ଜି.ଉଦୟଗିରି ଲ୍ୟାମ୍ପ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ଜି.ଉଦୟଗିରି, ୧୩/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ ଆଦର୍ଶ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ବୈଠକ ସଭାପତି ଯମେଶ ବହୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ ସମିତିର ସମସ୍ତ ସଦସ୍ୟ ସଦସ୍ୟ ଏବଂ ୧୭୦ ଜଣ ସଭ୍ୟ ସଭ୍ୟ ଉପସ୍ଥିତିରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ବିଷୟ ଆଲୋଚନା କରାଯାଇ ଭବିଷ୍ୟତ ଯୋଜନା ଗୁଡ଼ିକୁ ମଞ୍ଜୁର କରାଯାଇଛି । ଉକ୍ତ ବୈଠକରେ କନ୍ଧମାଳ ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହ ସମ୍ବୋଧ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ନିବନ୍ଧକ ଜଳିତ ମାଝୀ, ସହ ସହକାରୀ ନିବନ୍ଧକ ସଞ୍ଜୟ ପଟ୍ଟନାୟକ, ସତ୍ୟଜିତ ସେଠୀ ଜନ୍ମଫେଡ଼ର ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜ୍ୟୋତି ପରିସରରେ ନାମେଫ୍ଟ ଷ୍ଟୋରସୀ ଦୋକାନ ଉଦଘାଟନ ହୋଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ସମିତି ହିସାବ ରକ୍ଷକ ପିତାମ୍ବର ସାହୁ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜୟପାଟଣା, ୧୩/୦୩ (ଆ.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ରେଙ୍ଗାପାଲି ବ୍ଲକ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଲାବଦିନ୍ଥକ ବିଦାୟ ସମାରୋହ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିବେଶ ଲାଭପ୍ରବଣ ଓ ଲଷାଳମୟ ହୋଇଉଠିଥିଲା । କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇ ଥିବା ବେଳେ ନିମନ୍ତ୍ରିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇ ତାଙ୍କୁ ବିଦା, ପରିଶ୍ରମ ଓ ଶିକ୍ଷାଦାନକୁ ପାଥେୟ କରି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସମ୍ବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ଅଷ୍ଟମ ଶ୍ରେଣୀର ଭାଇଭଉଣୀମାନଙ୍କୁ ବିଦାୟ ଜଣାଇଥିଲେ । ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ୍ୟ ବିଦ୍ୟାଳୟରେ କାଟାଇଥିବା ସ୍ମୃତିମୟ ଦିନଗୁଡ଼ିକୁ ସ୍ମରଣ କରି ଶିକ୍ଷକମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମର ଶେଷରେ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ସହ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । ଏହି ବିଦାୟ ସମାରୋହ ବିଦ୍ୟାଳୟରେ ଏକ ସ୍ମରଣୀୟ ମୁହୂର୍ତ୍ତ ଭାବେ ରହିଯିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜଗଦୀଶ୍ୱର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ବତନ ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ଅଷ୍ଟମ ଲୁଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସମ୍ମାନନୀୟ ଅତିଥିଭାବେ ରେଙ୍ଗାପାଲି ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ବେଦବର ନିଆଲ, ବରିଷ୍ଠ ସାମାଜିକ ଅସରଫ ଅଲ୍ଲୀ, ପୂର୍ବତନ ସରପଂଚ ଲାଙ୍ଗିପାଲି ତଥା ବରିଷ୍ଠ ସମାଜସେବୀ ଲୁଙ୍କଦିହାରୀ ରାଉତ ପ୍ରମୁଖ ମଂଚାସୀନ ଥିଲେ ।ବିଦ୍ୟାଳୟର ସହଶିକ୍ଷକ ରଞ୍ଜନ ବଡିଆ ମଂଚ ପରିଚାଳନା କରିଥିବା ଶିକ୍ଷୟିତ୍ରୀ ରୁଚିରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଲୋଟେଶ୍ୱର ରାଉ, ସୁଜିତ କୁମାର ସାହୁ ,ଶଶୀ ଭୂଷଣ ବଦପତି, ଉପମା ରାଉ, ନିବେଦିତା ରାଣୁଆ, ବିଦ୍ୟାସିନୀ ଦୁର୍ଗା, ଉଦ୍ଧବ ରାଉ ପ୍ରମୁଖ ତଥା ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

ଖୋର୍ଦ୍ଧା ଟାଉନ୍ ଶାଖା ଚଣ୍ଡିଚୁଆ ଠାରେ ନୂତନ ଷ୍ଟେଟ୍ ବ୍ୟାଙ୍କ ଶୁଭାରମ୍ଭ

ଖୋର୍ଦ୍ଧା, ୧୩/୦୩ (ଆ.ପ୍ର) : ଖୋର୍ଦ୍ଧା ସବଡ଼ ମହକୁମା ଠାରେ ଦେଶର ଅଗ୍ରଣୀ ବ୍ୟାଙ୍କ ଭାରତୀୟ ଷ୍ଟେଟବ୍ୟାଙ୍କ ଟାଉନ ଖୋର୍ଦ୍ଧା ଟାଉନ୍ ଶାଖା ଚଣ୍ଡିଚୁଆ ଷ୍ଟେଟ୍ ବ୍ୟାଙ୍କର ଶୁଭାରମ୍ଭ କରିଛନ୍ତି । ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ, ଏ ଡି. ରତ୍ନା ତେଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଚଣ୍ଡିଚୁଆ ନୂତନ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଉଦ୍ଘାଟନ ପୂର୍ବକ ଶୁଭାରମ୍ଭ କରି ସ୍ଥାନୀୟ ଲୋକଙ୍କ ବ୍ୟାଙ୍କ ଦେଣ ଦେଣ ସମସ୍ୟାକୁ ଦୂର କରିବା ସହ ଜନସାଧାରଣଙ୍କୁ ଆର୍ଥିକ କାରବାର ପାଇଁ ପଥ ଉନ୍ମୁକ୍ତ କରିବ ବୋଲି ପ୍ରକାଶ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟ କ୍ରମରେ ଉପ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର, କ୍ଷେତ୍ରୀୟ ପ୍ରବନ୍ଧକ ଭରତ ଦେବେରା, ନୂତନ ଶାଖାର ପରିଚାଳକ ସମେତ ବ୍ୟାଙ୍କ କାର୍ଯ୍ୟାଳୟ କର୍ମଚାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ପ୍ରକାଶ ଥାଉକି ମୁଖ୍ୟ ମହାପ୍ରବନ୍ଧକ ଏ ଡି ରତ୍ନା ତେଜା ନୟାଗଡ଼ ଜିଲ୍ଲାର ଗଣିଆ ଠାରେ ମଧ୍ୟ ଏକ ନୂତନ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ଶୁଭାରମ୍ଭ କରିଛନ୍ତି ।

ବାଲିଗୁଡା ମା' ପାଟଖଣ୍ଡା ଠିକାଦାର ସଂଘର ବୈଠକ

ବାଲିଗୁଡା, ୧୩/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ମା' ପାଟଖଣ୍ଡା ଠିକାଦାର ସଂଘର ଏକ ବୈଠକ ସଭାପତି ସୁପ୍ରେମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଠିକାଦାର ମାନଙ୍କ ବିଭିନ୍ନ ଠିକା କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି । କନ୍ଧମାଳ ଜିଲ୍ଲା ବିଭିନ୍ନ ସରକାରୀ କାର୍ଯ୍ୟ ଗୁଡିକରେ ଠିକା କାର୍ଯ୍ୟ ସଂଘର ଅନୁମତି ବିନା ଅନ୍ୟ ଜିଲ୍ଲା ଠିକାଦାର ମାନଙ୍କୁ ବାରଣ କରାଯାଇଛି । ଏଥିରେ ନୂତନ ସଦସ୍ୟ ଗ୍ରହଣ କରାଯିବା ସହିତ ପ୍ରତି ବ୍ଲକରୁ ତିନି ଜଣ ସଦସ୍ୟ କାର୍ଯ୍ୟକାରିଣୀରେ ସାମିଲ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥି

ସହିତ ଠିକାଦାର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଦାରିଙ୍ଗବାଡି, ଲୋଟଗଡ, ଦୁମୁରିବନ୍ଧ, କ.ନୂଆଗାଁ ଏବଂ ବାଲିଗୁଡ଼ା ଅଂଚଳର ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗ ଦେଇଥିଲେ । ଏଥିରେ ସଙ୍ଘ ଉପସଭାପତି ପ୍ରତାପ କୁମାର ନାୟକ, ପ୍ରକାଶ ନାୟକ, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ପାତ୍ର ସମେତ ବିଭାଳକ ବେହେରା, ଜିତୁ ପାତ୍ର, ସୁଜିତ ପାଳ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ କୃତିମ ବୁଦ୍ଧିମତା ସମ୍ବନ୍ଧୀୟ କର୍ମଶାଳା

ପାରଳାଖେମୁଣ୍ଡି, ୧୩/୦୩ (ଆ.ପ୍ର) : ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନାଲ ଅଗ୍ରଣ୍ୟାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାସ୍ତରୀୟ କୃତିମ ବୁଦ୍ଧିମତା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ମୁନାଦ୍ର ଜନନାଗୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଂଶୁମାନ ମହାପାତ୍ର ଏବଂ ସହକାରୀ ଜିଲ୍ଲାପାଳ ବିଦ୍ୟାଳୟ ରାଉତ ମଂଚାସୀନ ଥିଲେ । ଓକାଲ୍ ସୋଲିକ୍ୟାଲ୍ ଡେଭେଲପମେଣ୍ଟ ଜିଲ୍ଲା ମୁଖ୍ୟ ଶ୍ରୀକାନ୍ତ ମହନ୍ତି ସଂଯୋଜନା କରିଥିବା ବେଳେ ସମ୍ବଳ ବ୍ୟକ୍ତି ହିସାବରେ ଷ୍ଟୁଡମ୍ ଟେଚ୍ନୋଲୋଜି ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅବଗତ କରିବା ସହ କୃତିମ ବୁଦ୍ଧିମତାର ପ୍ରଶସ୍ତକ କ୍ଷେତ୍ରରେ ଉପଯୋଗ ତଥା ସରଳ ବ୍ୟବହାର ଗୁ ପଦ୍ଧତି ପାଇଁ ବିଭିନ୍ନ ଉପକରଣ(ଟୁଲ୍) ମାଧ୍ୟମରେ ପ୍ରାଂଜଳ ଭାବେ ବୁଝାଇଥିଲେ । ବର୍ତ୍ତମାନ ଡିଜିଟାଲ ଯୁଗରେ

ସହଜ ଓ ସରଳ ଉପାୟରେ ଏଆର ଉପଯୋଗ ଅନ୍ତର୍ଗତ ଜିଲ୍ଲା କରିବାପାଇଁ କାର୍ଯ୍ୟ କୁଶଳୀ ତଥା ଉପାନ୍ତ ଆଦିବାସୀ ଅଂଚଳରେ ଏଆର ସଂପୂର୍ଣ୍ଣ ଯୋଗାଯୋଗ ଉପରେ ବିସ୍ତୃତ ରୂପରେଖ ବୁଝାଇଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗର ବନ୍ଧାବଦ୍ଧ ୩୪ ଜଣ ଅଧିକାରୀ ଯୋଗଦାନ କରିଥିଲେ । ଏହାଦ୍ୱାରା ଜିଲ୍ଲାର ଜନସାଧାରଣଙ୍କ ବିକାଶ ଓ ମଂଗଳ ଦିଗରେ ସହାୟକ ହେବ କହିଛନ୍ତି ଅତିଥି ମାନେ ।

ମହିଳା ବନ୍ଧୁତ୍ୱପୂର୍ଣ୍ଣ ପଂଚାୟତ ଭାବରେ ଗୁଡିପଦର ମନୋନୀତ

ପାଟପୁର, ୧୩/୦୩ (ଆ.ପ୍ର) : ପାଟପୁର ବ୍ଲକ ସାମ୍ପାଣ୍ଡ ଗୁଡିପଦର ପଂଚାୟତ ମହିଳା ପ୍ରେଣ୍ଡଲି ପଂଚାୟତ ଭାବରେ ମନୋନୀତ ହୋଇଥିବା ବେଳେ ଶୁକ୍ରବାର ଗୁଡିପଦର ପଂଚାୟତରେ ଏକ କେନ୍ଦ୍ରୀୟ କମିଟି ସଦସ୍ୟ ପଦଂଟି ପରିବର୍ତ୍ତନ କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଚଳିତ ବର୍ଷ ପାଟପୁର ବ୍ଲକର ମହିଳା ପ୍ରେଣ୍ଡଲି ପଂଚାୟତ ଚୟନ ପ୍ରକ୍ରିୟାରେ ୨୩ ଗୋଟି ପଂଚାୟତର ସବିଶେଷ ତଥ୍ୟ କେନ୍ଦ୍ର ସରକାରଙ୍କ ପାଖରେ ପ୍ରଦାନ କରାଯାଇଥିଲା । କେନ୍ଦ୍ର ସରକାର ତରଫରୁ ମହିଳା ପ୍ରେଣ୍ଡଲି ପଂଚାୟତର ଯେଉଁ ସବୁ ନିୟମ ରହିଛି ସେହି ଅନୁସାରେ ଗୁଡିପଦର ପଂଚାୟତକୁ ମନୋନୀତ କରାଯାଇଛି । ଏହି ପରିପ୍ରେକ୍ଷାରେ ଶୁକ୍ରବାର ଦିନ କେନ୍ଦ୍ରୀୟ କମିଟି ସଦସ୍ୟ ଏସ ଆଇ ଆର ଡି ବିଜୟ କୁମାର,ପ୍ରତିପ ମହାପାତ୍ର, ସିଡିଓ ବିଜୟ କୁମାର ଦେବେରା, ଜିପିଏମ କଳ୍ୟାଣ ସାହୁ ପଂଚାୟତ ପରେ ଗୁଡିପଦର ପଂଚାୟତ ତରଫରୁ ଶ୍ରଦ୍ଧା ଶ୍ରଦ୍ଧା ମହିଳା ପଦଂଟି ସ୍ୱାଗତ କରିଥିଲେ । ପରବର୍ତ୍ତୀ ସମୟରେ ପଂଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରୟ କମିଟି ପଂଚାୟତ ପରିଦର୍ଶନ କରିବା ସହିତ ସମସ୍ତ ଫାଇଲ ଅନୁଧ୍ୟାନ କରିଥିଲେ । ଏଥି ସହିତ ଗୁଡିପଦର ପଂଚାୟତର ଉତ୍ତର ଗ୍ରାମ ତଥା ଗୁଡିପଦର ଓ ବଡକାମପୁର ଗ୍ରାମ ପରିଦର୍ଶନ କରି ଫେରିବାରେ ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଟପୁର ଅଧ୍ୟକ୍ଷ ଖିଲ ସମ୍ପୁଲା ରେଡି, ସରପଂଚ ଡି ଶ୍ରୀଦେବୀ ସେଠୀ, ପୂର୍ବତନ ସରପଂଚ ଖିଲ ମହୋନ ରାଉ,ଏବିଡିଓ ବିଜୟ କୁମାର ପ୍ରଧାନ,ସି ପି ଦେବାଶିଷ ପ୍ରଧାନ ବିଏଏସଓ ଦେବାଶିଷ ପଟ୍ଟନାୟକ,ଏପିଓ ପ୍ରତିପ ପୁରୋହିତ, ସ୍ଥାନୀୟ ପି ଇ ଓ ମୋହନ ରାଉ ଙ୍କ ସମେତ ବହୁ ପି ଇ ଓ,ଏବିଇଓଙ୍କ ସହ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

ଏନଏସି ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ଧାମନଗର, ୧୩/୦୩ (ଆ.ପ୍ର) : ଚଳିତ ମାସ ୮ରୁ ୧୪ ଯାଏ ଆନ୍ତର୍ଜାତୀୟ ମହିଳା ଦିବସ ମହା ସମାରୋହରେ ପାଳିତ ହେଉଛି । ଏହି ଅବସରରେ ଶୁକ୍ରବାର ଦିନ ୧୧ଟା ସମୟରେ ଧାମନଗର ଦିଶାପିଠ ଅଂଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏନଏସି କଲ୍ୟାଣ ମଞ୍ଚପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଂଚାଳନାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ପ୍ରୋଗ୍ରାମରେ ଅତିଥି ମାନଙ୍କୁ ମଂଚ ଆମନ୍ତ୍ରଣ ପରେ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ଏବେ ମହିଳାମାନେ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ସହ ସବୁ କ୍ଷେତ୍ରରେ ଆଗରେ ରହୁଥିବା ବେଳେ ନାରୀ ଶକ୍ତିର ନେତୃତ୍ୱ ସ୍ୱଚ୍ଛତାରେ ଧାମନଗର । ଅମ ଧାମନଗରରୁ ସମ୍ପ ସୁରୁରୁ ଉଚ୍ଚବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ନାରୀ ଶକ୍ତିକୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କୁ ସମ୍ମାନ ସୂଚୁପ ଉତରିୟ,ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଛି ବୋଲି ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏବଂ ଦାନି ଜାଦାରି ଓ ଅନ୍ୟ ଜାତନସିରର ମଂଚାସିନ ହୋଇ ଆନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟାଳୟର କନିଷ୍ଠ ଯତୀ, ସମ୍ପୁଟା ନାୟକ, ହିମାଚଳ ରକ୍ଷକ ଗୁରୁ ମୁରୁ ଦେବିଷ୍ଟକ,ସୁଶାନ୍ତ ଚନ,ବିଜୟ ଦାସ,ମନୋଜ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

କଳା ପ୍ରତାପଗିରି ମନ୍ଦିର ଲୁଟ୍, ୫ ଜଣ ଗିରଫ

ଉଦାନୀପାଟଣା, ୧୩/୦୩ (ଅପ୍ର) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତ ଅଧିନସ୍ଥ କୁମ୍ଭାଡାବାହାଲ ଗ୍ରାମର ପୁରାତନ ପ୍ରତାପଗିରି ବୁଢାରଜା-ଠାକୁରାଣୀ ମନ୍ଦିରରେ ଲୁଟ କରିଥିବା ମୁଖ୍ୟ ଖଳନାୟକ ସହିତ ୫ ଜଣ ଲୁଟେରାଙ୍କୁ ପୋଲିସ ଗିରଫ କରିବାରେ ସଫଳତା ହାସଲ କରିଛି । ଲୁଟେରା ମଧ୍ୟରେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଲଣ୍ଡାଲ୍ ଟେଂଟକାରୀ ଲେଣ୍ଡସି ବୃହତ୍ତର ମଧ୍ୟରେ ଗୁପ୍ତଧନ ମହଜୁଦ ରହିଥିବା ସୂଚନା ପାଇଥିଲା । ଏଥିରେ ବହୁ ପରିମାଣର ସୁନାଚୂରୁ ପାଇଥିଲା, ଏଥିକୁ ଜିପରି ହାତେଇ ପାରିବ ସେଥିପାଇଁ ସ୍ଥାନୀୟ ଅଂଚଳର କିଛି ଲୋକଙ୍କ ସହଯୋଗରେ ଲୁଟିବାକୁ ସକ୍ଷମ ହୋଇଥିଲେ । ଦୀର୍ଘଦିନରୁ ଏ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଛେଲେ ଲଣ୍ଡାଲ ଟେଂଟକାରୀ (୩୯) ସେ ଲଳମପୁର ଥାନା ଅଧୀନସ୍ଥ ଦେପୁର ଗ୍ରାମର ସ୍ୱର୍ଗତ ଅବ୍ୟୁତାନନ୍ଦ ଟେଂଟକାରୀଙ୍କ ପୁଅ ବୋଲି ଜଣାପଡିଛି । ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ରିଡେଶ ଧ:ମାଝୀ ଓରଫ୍ ପିଡୁତ (୨୧) ତାଳବନ୍ଧ ପଦା, ରୋଶନ୍ ବିଶି ଓରଫ୍ ସତ୍ୟମ (୨୨) ଖିବମରିଡ ପଦା ଉଭୟଙ୍କ ଘର ଥୁଆମୂଳ ରାମପୁର ହୋଇଥିବା ବେଳେ ଅନୁଜ ଦୁଲଭ ଉରେ ଚନ୍ଦ୍ର ନାୟକ (୪୦) ତାଳକୋଟା ଓ ନବ କୁମାର ନାୟକ (୩୪) ଗୋପାଳପୁର ଗ୍ରାମର ବୋଲି ଜଣାପଡିଛି । ଅଭିଯୁକ୍ତଙ୍କ ବିରୋଧରେ ଥୁଆମୂଳ ରାମପୁର ଥାନାରେ ପୋଲିସ କେସ ନଂ ୧୦/୨୬ ଅନୁଯାୟୀ ମାମଲା ରୁଜୁ କରି ବିଏନଏସ୍ ର ବିଭିନ୍ନ ଧାରା ଲଗାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଚୋରୀ ସୁନାଚୂରୁ ଗୁଡ଼ିକୁ ଏଯାଏଁ ଠାକ କରିପାରିନାହିଁ । ସ୍ଥାନୀୟ ଅଂଚଳର ଲୋକଙ୍କ

ଶ୍ରୀଜଳ
ଆରମ୍ଭ
SEITHO ARAMBHA
ଶନିବାର, ୧୫ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

ଅଧାରେ ଅଟକିଛି ସୁନାମୁହିଁ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ, ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ

ଖଣ୍ଡପଡ଼ା, ୧୩/୦୩ (ଆ.ପ୍ର) : ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଓ ଷ୍ଟୁଡ ଜଳସେଚନ ବିଭାଗ ପକ୍ଷରୁ ମିଳିତ ଉଦ୍ୟମ ଜାରି ରଖିଥିଲେ ଯେଉଁ ଗତ ୧୦ ବର୍ଷ ମଧ୍ୟରେ ଉକ୍ତ ପର୍ଯ୍ୟଟନସ୍ଥଳୀର ଆଶାନୁରୂପକ ବିକାଶ ହୋଇ ପାରିନାହିଁ । ସୁରକ୍ଷା ବ୍ୟବସ୍ଥା ଆଦୌ ନଥିବାରୁ ସନ୍ଧ୍ୟା ହେଲାକୁ ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ପରିସରରେ ଅସାମାଜିକ ଓ ମଦ୍ୟପାନ ଜନିତ ଜମୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ପୋଲିସ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି । ସେହିପରି ପର୍ଯ୍ୟଟନସ୍ଥଳୀ ପରିସରରେ ପାନୀୟଜଳ, ଉଜ୍ଜନ ଆଲୋକୀକରଣ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ନିମନ୍ତେ ଆବଶ୍ୟକୀୟ ବିଶ୍ରାମ କକ୍ଷ ଓ ସୁନାମୁହିଁ ଜଳଉତ୍ସାରରେ ସମ୍ପନ୍ନ ନିମନ୍ତେ ବୋଟିଂ ବ୍ୟବସ୍ଥା କରାଗଲେ ଦୈନିକ ବିଭିନ୍ନ ସ୍ଥାନରୁ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ସମାଗମ ପର୍ଯ୍ୟଟନସ୍ଥଳୀରେ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସେହିପରି ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଯାନବାହନ ପାର୍କିଂ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ସହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଆମ୍ର ଆଳୁଡିର ଭେଣ୍ଡିଙ୍ଗ ଜୋନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପର୍ଯ୍ୟଟନସ୍ଥଳୀର ମୁଖ୍ୟ ଫାଟକ ସମ୍ମୁଖସ୍ଥ ମାଟି ଅଂଶର ସିମେଂଟ କଂକ୍ରିଟକରଣ, ଗାଡ଼ା ପାର୍କିଂ ଓ ଘୋଳାନାମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଦିଗରେ ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ସେହିପରି ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ସବୁଜ ପରିବେଶ ସୃଷ୍ଟି ନିମନ୍ତେ ଖଣ୍ଡପଡ଼ା ବନବିଭାଗ ଓ ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଷାଠିଏ ପରେବି ମିଳୁନି ଭତା, ସହ ସହ ହିତାଧିକାରୀ ଭତା ପାଇବାରୁ ବଂଚିତ

ଟାଙ୍ଗୀ ଚୌଦ୍ୱାର, ୧୩/୦୩ (ଆ.ପ୍ର) : ସରକାରଙ୍କ ଜଣା ଖାଲି ଲାଷ୍ଟଣ ଚାଲିରେ ରହିଯାଉଛି ଦେଉଥିବା ପ୍ରତିଶ୍ରୁତି ପାଳନ କରିପାରୁନଥିବାରୁ ବହୁ ନୂତନ ଭାବେ ଭତା ପାଇବାକୁ ଥିବା ବୟସ୍କ ମାନେ ହତାଶ ନିରାଶ ହୋଇ ବସିଥିବା ଦେଖିବାକୁ ମିଳୁଛି,ବିଶେଷ କରି ଚୌଦ୍ୱାର ଅଂଚଳରେ ଅନେକ ଭତା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ସରକାରଙ୍କ ତ୍ରୁଟି ଯୋଗୁ ଭତା ପାଇପାରୁନାହାନ୍ତି । ଚୌଦ୍ୱାର ପୌରପାଳିକା ଅଧିନ ୮ନଂ ୱାର୍ଡର ପ୍ରଫୁଲ୍ଲ ବୈଶ୍ୟାରୀ ୬୬ବର୍ଷ ହୋଇ ଥିଲେ ମଧ୍ୟ ଛଅ ବର୍ଷ ହେବ ବାର୍ଦ୍ଧକ୍ୟ ଭତା ପାଇଁ ଚୌଦ୍ୱାର ପୌରପାଳିକାକୁ ଦୌଡ଼ି ଦୌଡ଼ି ବହୁତ ଘୋଡି ହୋଇଗଲା କିନ୍ତୁ ଆଜି ପର୍ଯ୍ୟନ୍ତ ଭତା ମିଳିନାହିଁ । ଚୌଦ୍ୱାର ଅଂଚଳରେ ଏହିଭଳି ଅନେକ ହିତାଧିକାରୀ ୬୦ବର୍ଷ ହୋଇଯାଇଥିଲେ ମଧ୍ୟ ଭତା ପାଇପାରୁନାହାନ୍ତି । ଦୁଃଖ ଭରା କଥାରେ ବଂଚିତ ହିତାଧିକାରୀ ମାନେ ସରକାରଙ୍କୁ ଗାଳିଜଣୁଥିବାର ଦେଖିବାକୁ ମିଳୁଛି ଭୋଟ ବେଳେ ଆମେ ଗୁଳ କରିଛି ବୋଲି ପ୍ରତାରିତ କରୁଛନ୍ତି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

ଜରେଲପଦରରେ ଭୋଜିରେ ଗଣ୍ଡଗୋଳ: ୨ ଅଭିଯୁକ୍ତ ଗିରଫ

ସିନାପାଲି, ୧୩/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଜରେଲପଦର ଗ୍ରାମରେ ଭୋଜିଭାତ ସମୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଦୋଳାମଣି ହେମ୍ବା (୨୬) ଓ ମାଧବ ହେମ୍ବା (୨୬) । ସୂଚନା ଅନୁସାରେ, ଗଂଟିପୁଲ୍ଲା ଗ୍ରାମର ଚରବନ ନାଗ ଜରେଲପଦର ଗ୍ରାମରେ ଆୟୋଜିତ ଏକ ଜୋଶାବରା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ । ସେଠାରେ ଭୋଜିଭାତ ସମୟରେ ସେ ଲୋକମାନଙ୍କୁ ମାଂସ ତରକାରୀ ପରୋଷୁଥିବା ବେଳେ କିଛି ଲୋକଙ୍କ ସହ ଗଣ୍ଡଗୋଳ ସୃଷ୍ଟିହୁଏ । ଏହି ସମୟରେ ଅଭିଯୁକ୍ତମାନେ ରୋଷେଇ ହାଣ୍ଡିରେ ଥିବା ଗରମ ପାଣି ତାଙ୍କ ଉପରେ ଠେଲି ଦେଇଥିବା ଅଭିଯୋଗ ହୋଇଛି । ଘଟଣାରେ ଚରବନ ଗୁରୁତର ଆହତ ହୋଇଥିବା ବେଳେ, ତାଙ୍କୁ ତୁରନ୍ତ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ଚରବନଙ୍କ ଭାଇ ଚିନ୍ତା ନାଗ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାରପିଟ୍ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଦୋଳାମଣି ହେମ୍ବା ଓ ମାଧବ ହେମ୍ବାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

ବ୍ୟାସ ଫାଉଣ୍ଡେସନର ଷଷ୍ଠ ବାର୍ଷିକୋତ୍ସବ ଓ ତ୍ରୟୋଦଶ ପତ୍ରିକା 'ଗୀତାଜ୍ଞାନାଞ୍ଜନ'ର ଲୋକାର୍ପଣ ଓ ପ୍ରତିଭାପୂଜନ ସମାରୋହ

ଜଗତସିଂହପୁର, ୧୩/୦୩ (ଆ.ପ୍ର) : ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅନୁଷ୍ଠାନ 'ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ'ର ଷଷ୍ଠ ବାର୍ଷିକୋତ୍ସବ ଏବଂ ଆଧ୍ୟାତ୍ମିକ ପତ୍ରିକା 'ଗୀତାଜ୍ଞାନାଞ୍ଜନ'ର ତ୍ରୟୋଦଶ ସଂସ୍କରଣ ଶୁଭୋନ୍ମୋଚନ ସେବା ସହ ବିଭିନ୍ନ ପ୍ରତିଭାଧାରୀ ଙ୍କୁ ମଂଚାସନ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପାରାଦୀପ ପୌରୋଧସ ବସନ୍ତ ବିଶ୍ୱାଳ, ସତ୍ୟସାଇ ଅନୁଷ୍ଠାନର ରାଜ୍ୟକାର୍ଯ୍ୟକାରୀ ଅଭର୍ଯ୍ୟାମୀ ପଟ୍ଟନାୟକ, ବ୍ରହ୍ମ ଜଗନ୍ନାଥ ମିଶନ, ଚାଳବଣ୍ଡାର ପ୍ରତିଷ୍ଠାତା ଡ଼. ସଞ୍ଜୀତ କୁମାର ମୁଦୁଲି, ମା ସାରଳା ମନ୍ଦିରର ମୁଖ୍ୟ ପୂଜକ ଉଜ୍ଜନ କୁମାର ପଣ୍ଡା, ଅବସରପ୍ରାପ୍ତ ସିଡିଆର ଆଇନ ପରାମର୍ଶଦାତା ଡ଼. ଲାଳା ତରଣ ମିଶ୍ର, ଇପକୋ ପାରାଦୀପର ଲୋକ ସମ୍ପର୍କ ଅଧିକାରୀ ଡ଼. ପ୍ରସନ୍ନ କୁମାର ଦେବତା, ଜିଲ୍ଲା ମୋ ଭାରତ ମିଶନ ର ଅଧିକାରୀ ନିଖିଳ କୋକୁଲୁ, ବ୍ୟାସ ବିଶ୍ୱ ସ୍ନେହାଳୟ ଭୂମିଦାତା ବିଶ୍ୱ ଚରଣ ସ୍ୱାଇଁ ତଥା ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ମଂଚାସିନ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ପଣ୍ଡିତ ତତ୍ତ୍ୱର ସିଦ୍ଧେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ପଣ୍ଡିତ ପ୍ରଣୀତ କୁମାର ଶତପଥୀ ପ୍ରାରମ୍ଭିକ ବେଦପାଠ କରିବା ସହ ଭାଗବତ ଗୀତାର ଚଂଚଳଶ ଅଧ୍ୟାୟ ପାଠ କରିଥିଲେ । ପ୍ରାରମ୍ଭରେ ସଂଗଠନ ଅଧ୍ୟକ୍ଷା ଆଚାର୍ଯ୍ୟ ସଂଗଠନର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମଂଚାସିନ ଅତିଥି ମାନେ ବ୍ୟାସ ଫାଉଣ୍ଡେସନର ନିସ୍ୱାର୍ଥପର ସେବା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଆଦିଦେବ ଏଂଟରଟେନମେଂଟ ର ପ୍ରତିଷ୍ଠାତା ଡ଼. ବନ୍ଦିତା ସୁରଦର୍ଶିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜୁନି ଶିଶୁ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟାଭିନୟ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲା । ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀଙ୍କୁ ବ୍ୟାସ ସେବା, ବ୍ୟାସ ପ୍ରତିଭା, ବ୍ୟାସ ପୁତ୍ର ତଥା ସମାଜସେବୀ ରାଜେଶ କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ଡ଼. ବନ୍ଦିତା ସୁରଦର୍ଶିନୀଙ୍କୁ ଆଦର୍ଶ ଦମ୍ପତି, ଚଳୋଚ-ଚଳୋଚୀ ସମ୍ମାନ ପ୍ରଦାନ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରମୋଦ କୁମାର କର, ଶିଶିର କୁମାର କର, ସଂଗ୍ରାମ ମଣ୍ଡୀ, ଆକାଶ କୁମାର ପ୍ରଧାନ, ନଗେନ୍ଦ୍ର ନାଥ ସ୍ୱାଇଁ ଙ୍କ ସହଯୋଗାତ୍ମକ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଆଧ୍ୟାତ୍ମିକ ପ୍ରେମୀ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ ।

ପ୍ରଶ୍ନ ପତ୍ରରେ ତ୍ରୁଟି, ଦ୍ୱନ୍ଦରେ ଛାତ୍ରଛାତ୍ରୀ

ଦଶପଲ୍ଲା, ୧୩/୦୩ (ଆ.ପ୍ର) : ସର୍ବଶିକ୍ଷା ଅଭିଯାନ, ନୟାଗଡ଼ ଦ୍ୱାରା ପରିଚାଳିତ ସରଜିଓ୍ୱ ଆସେସମେଂଟ - ୨ ର ଶୁକ୍ରବାର ଦିନ ଅନୁଷ୍ଠିତ ତୃତୀୟ ଶ୍ରେଣୀ ଗଂରାଜୀ ପ୍ରଶ୍ନ ପତ୍ରରେ ଗୁରୁତର ତ୍ରୁଟି ପରିଲକ୍ଷିତ ହେବା ସହିତ ପିଲା ମାନଙ୍କ ମଧ୍ୟରେ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି କରିଛି । ପୂର୍ଣ୍ଣ ମାର୍କ ୪୦ ଥିବା ବେଳେ ୧୧ ଟି ପ୍ରଶ୍ନରେ ଉତର ପାଇଁ ୩୮ ମାର୍କ ରହିଛି । ସେହି ଭଳି ପ୍ରଶ୍ନ ପତ୍ର ର ୮ ନମ୍ବରରେ 'ଏ' ସ୍ତମ୍ଭର ଶବ୍ଦ ସହିତ 'ବି' ସ୍ତମ୍ଭର ମିଳନ ପାଇଁ ୫ ନମ୍ବର ରଖା ଯାଇଥିଲେ ଯେଉଁ ସ୍ତମ୍ଭ କିମ୍ବା ଶବ୍ଦ ଉଲ୍ଲେଖ ନଥିବା ବେଳେ କେବଳ ଗାରେଣ୍ଟି ଲିନ୍ଧୁ ଲିନ୍ଧୁ ଚିତ୍ର ଦର୍ଶା ଯାଇଛି । ଶିକ୍ଷା ବିଭାଗର ଏଭଳି ଦାୟିତ୍ୱହୀନତାକୁ ନେଇ ଅଭିଭାବକ ମହଲରେ ତର୍ଜା ଜୋର୍ ଧରିଛି ।

ଉପଭୋକ୍ତାଙ୍କ ଅଜାଣତରେ ହେଉଛି ଗ୍ୟାସ୍ ବୁକିଂ

ଦଶପଲ୍ଲା, ୧୩/୦୩ (ଆ.ପ୍ର) : ଗ୍ୟାସକୁ ନେଇ ପଲ୍ଲୀ ଠୁ ଦିଲ୍ଲୀ ତୁମ୍ବିତୋଫାନ ଲାଗି ରହିଥିବା ବେଳେ ଦଶପଲ୍ଲାରେ ଏକ ରୋଚକ ତଥ୍ୟ ସମ୍ମୁଖକୁ ଆସିପାରିଛି । ଜିଲ୍ଲା ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ଅଜାଣତରେ ଏବଂ ବିନା ଆବଶ୍ୟକତାରେ ଗ୍ୟାସ୍ ବୁକିଂ ହୋଇଯାଉଛି । କେବଳ ସେତିକି ନୁହେଁ, ବୁକିଂ ହେବା ପରେ ପରବର୍ତ୍ତୀ ବୁକିଂ ପାଇଁ ଚାରିଖଣ୍ଡ ମଧ୍ୟ ଦର୍ଶାଉଛି, ଯାହା ଗ୍ରାହକଙ୍କୁ ବିସ୍ମୟରେ ପକାଇଛି । ଫଳରେ ଯେଉଁମାନଙ୍କର ପ୍ରକୃତରେ ଗ୍ୟାସ୍ ଶେଷ ହେବାକୁ ଯାଉଛି, ସେମାନେ ନୂତନ ବୁକିଂ କରିବାର ସୁଯୋଗ ହରାଉଛନ୍ତି । ବଡ଼ କଥା ହେଲା, ଯେଉଁ ମାନେ ବୁକିଂ କରୁଛନ୍ତି ସେମାନଙ୍କ ପକ୍ଷରେ ସଠିକ ସମୟରେ ସିଲିଣ୍ଡର ପଠାଇ ପାରୁନଥିବାର ଜଣାପଡିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି ।

ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ, ୧୩/୦୩ (ଆ.ପ୍ର) : ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବବାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଫେବୃଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରଚାର ପଦକ୍ଷେପ ଉପରେ ପରିବେଦନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବେଦନ ବିଭାଗ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ ଗତ ଫେବୃଆରୀ ମାସରେ ଜିଲ୍ଲାରେ ମୋଟ ୪୦ଟି ଦୁର୍ଘଟଣା ଘଟିଥିବାବେଳେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୧ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବେଦନ ବିଭାଗ ଦ୍ୱାରା ହୋଇଥିବା ସାଂଚ ସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁଁ ୧୧୧୫ ଜଣ, ଦ୍ରୁତ ଗାଡି ଚାଳନ କରିବା ନିମନ୍ତେ ୧୦୩୩ ଜଣ , ମଦ୍ୟପାନ କରି ଗାଡି ଚାଳନ ନିମନ୍ତେ ୧୮ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୯ଜଣଙ୍କଠାରୁ ଜୋଡିମାନା ଆଦାୟ କରାଯାଇଥିବା ବେଳେ ୪୩୨ ଜଣଙ୍କର ଲାଇସେନ୍ସ ରଦ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟଟି ବାଗ, ଉପ-ଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ସମିତ କୁମାର, ଚାଳଚେର ଆଂଚଳିକ ପରିବହନ ଅଧିକାରୀ ନିଜୁଲ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି ରାଜସ୍ୱ କର୍ମଚାରୀ

ନବରଙ୍ଗପୁର, ୧୩/୦୩ (ଆ.ପ୍ର) : ହସ୍ତତନ୍ତ ବସ୍ତ୍ର ପରିଧାନ ଉଦ୍ୟମକୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ରାଜସ୍ୱ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ ମାନେ ମଧ୍ୟ ପ୍ରତ୍ୟେକ ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି । ଏହା ମଧ୍ୟରେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ପ୍ରକାଶ ପାଇଛି । ପ୍ରକାଶଥାଉକି ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀଙ୍କ ପ୍ରୟାସ ଏବଂ ଉଦ୍ୟମରେ ଅତି ପ୍ରଶଂସନୀୟ । ଡଃ ପାଢୀ, ପୂର୍ବତନ କୃଷି ବିଭାଗରେ କାର୍ଯ୍ୟରତ ସମୟରେ ଏବଂ ବର୍ତ୍ତମାନ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ରାଜିତ୍ୱ ଗ୍ରହଣ କରିବା ପରେ ପତ୍ର ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଯାଇଥିଲେ । ଡଃ ପାଢୀ, ପ୍ରତ୍ୟେକ ସମୟରେ ହସ୍ତତନ୍ତ ପୋଷାକ ପରିଧାନ କରିବା ସହ ଓଡ଼ିଶା ର ପାରମ୍ପରିକ ହସ୍ତତନ୍ତ ସଂସ୍କୃତି କୁପ୍ରଚାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏହାକୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ରାଜସ୍ୱ କର୍ମଚାରୀ ୨୦୨୩ ମସିହା ଠାରୁ ନିୟମିତ ଭାବରେ ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରିଆସୁଛନ୍ତି ।

ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଜ୍ଞାନବର୍ଦ୍ଧକ କର୍ମଶାଳା

ଦଶପଲ୍ଲା, ୧୩/୦୩ (ଆ.ପ୍ର) : ଚିକିତ୍ସିତ ଅଂଚଳ ପରିଷଦ, ଦଶପଲ୍ଲାର ଆନୁରୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ– ୨୦୨୬ ଅବସରରେ ପରିମଳରେ ନିୟୋଜିତ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଜ୍ଞାନବର୍ଦ୍ଧକ କର୍ମଶାଳା ସହ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ୫୩ଏ ସଦସ୍ୟମାନଙ୍କୁ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାପନା ସମ୍ପର୍କରେ ବିଭିନ୍ନ ବିଭାଗରେ ଜ୍ଞାନବୃଦ୍ଧି ଉଦ୍ଦେଶ୍ୟ ରେ ଏହି ମହିଳା ଦିବସ ପାଳନ କରାଯାଇଛି । ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କର ଗୁରୁତ୍ୱ ରହିଆସିଛି । ମହିଳା ମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି । ଶୃଙ୍ଖଳିତ, ବିକଶିତ ପରିବାର ଗଠନରେ ମଧ୍ୟ ନାରୀଙ୍କ ଦେଖ ପ୍ରମୁଖ ଭୂମିକା ରହୁଛି ।

ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଣ୍ଡପଡ଼ା,୧୩/୦୩ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମା ରମାଦେବୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବରିଷ୍ଠ ନାଗରିକ ଫୋରମର ଉପ ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅତିଥି ଭାବେ ନୟାଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, ଫୋରମର ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଖଣ୍ଡପଡ଼ା ନଗର ଉପ ସଭାପତି ଦୁର୍ଗାମାଧବ ବାଣ, ବିଶିଷ୍ଟ ଶିଶୁ କବି ଲାଲିମଧ୍ୟ ବାସ, ପଣ୍ଡିତ ମନୋଜ ବାଣ ପ୍ରମୁଖ ଯୋଗଦେଇ ଥିଲେ । ସମ୍ମଞ୍ଜସ୍ୟ ଉପସ୍ଥିତିରେ ବରିଷ୍ଠ ନାଗରିକ ମାନଙ୍କର ଦିନିକୁ ମୌଳିକ ସମସ୍ୟା,

ଆରମ୍ଭ
SEITHO ARAMBHA
ଶନିବାର, ୧୪ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ମେଡିକାଲ ଲାବୋରାଟୋରୀ ଟେକ୍ନିସିଆନ୍ ଦିବସ ପାଳିତ

ବାଲେଶ୍ୱର, ୧୩/୦୩ (ଆ.ପ୍ର) : ଜିଲ୍ଲାର ସମସ୍ତ ମେଡିକାଲ ଲାବୋରାଟୋରୀ ଟେକ୍ନିସିଆନ୍ ମାନଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଟିପିୟୁ ହଲରେ ଲାବୋରାଟୋରୀ ଟେକ୍ନିସିଆନ୍ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାର ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲାବୋରାଟୋରୀ ଟେକ୍ନିସିଆନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ମୁଖ୍ୟବକ୍ତା ଭାବେ ପ୍ରଶାସନିକ ଅଧିକାରିଣୀ ଅନିତା ନାୟକ, ଡିଏମଓ ଏମସ୍ ଡାକ୍ତର ଅମୂଲ୍ୟ ଦାସ,ଜିଲ୍ଲା କୁଷ୍ଠବିଭାଗ ଅଧିକାରୀ ଡାକ୍ତର ସନ୍ଦୀପ ପ୍ରଧାନ,ଜିଲ୍ଲା ଯକ୍ଷ୍ମା ବିଭାଗ ଅଧିକାରୀ ଡାକ୍ତର ମନୋଜ କୁମାର ସାହୁ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ପାଥୋଲୋଜିଷ୍ଟ ଡାକ୍ତର ହିମାଦ୍ରୀ ପାଲ ଏବଂ ଡାକ୍ତର ଡି. ପୂନ୍ୟଡୋୟା ଯୋଗଦେଇ ରୋଗୀଙ୍କୁ ସୁରକ୍ଷିତ ଚିକିତ୍ସା ସେବାରେ ଲାବୋରାଟୋରୀ ଟେକ୍ନିସିଆନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଲାବୋରାଟୋରୀ ଟେକ୍ନିସିଆନମାନେ ନିଜର ଅନୁଭୂତି ବଖାଣିଥିଲେ । ଲାବୋରାଟୋରୀ ଟେକ୍ନିସିଆନ ଭାଗିରଥୀ ମାଝୀ,ଦେବାଶିଷ ଦତ୍ତ, ରାଜ୍ୟ ସଭାପତି ଲେଜିନ୍ ପଣ୍ଡା,ସନ୍ତୋଷ ବାରିକ, ମାନସ ମହାଣ୍ଡି,ସୋମାର ଘୋଷ, ସାନୁ କୁମାର ଶାସମଲ, ଅଜିତ ଦତ୍ତ, ଅମୀୟ କେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ବେଆଇନ ଏଲ୍‌ପିଜି ସିଲିଣ୍ଡର କଳାବଜାରୀ ବିରୋଧରେ ପୁରୀ ପୋଲିସର କାର୍ଯ୍ୟାନୁଷ୍ଠାନ

ପୁରୀ, ୧୩/୦୩ (ଆ.ପ୍ର) : ପୁରୀ ସହରରେ ବେଆଇନ ଏଲ୍‌ପିଜି ସିଲିଣ୍ଡର କଳାବଜାରୀ ବିରୋଧରେ ପୁରୀ ପୋଲିସର ବିଶେଷ ଅଭିଯାନରେ ୫୮ ସିଲିଣ୍ଡର ଜବତ । ପୁରୀ ଜିଲ୍ଲାରେ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁତ କରି କଳାବଜାରୀ ମାଧ୍ୟମରେ ବିକ୍ରୟ କରାଯାଉଥିବା ସମ୍ବନ୍ଧରେ ମିଳୁଥିବା ଗୋପନ ସୂଚନାକୁ ଆଧାର କରି ପୁରୀ ପୋଲିସ ବ୍ୟାରା ସହର ବିଭିନ୍ନ ଥାନା ଅଂଚଳରେ ଏକ ବିଶେଷ ଯାଂଚ ଓ ଛାପାମାରି ଅଭିଯାନ ଚାଲାଯାଇଛି । ଏହି ଅଭିଯାନ ସମୟରେ ବେଆଇନ ଭାବେ ଘରୋଇ ସିଲିଣ୍ଡର ମହଜୁତ କରି କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ବିଶେଷ ଅଭିଯାନ ଅନୁସାରେ ପୁରୀ ସହର ଅନ୍ତର୍ଗତ ବିଭିନ୍ନ ଥାନା ଅଂଚଳରୁ ବହୁ ସଂଖ୍ୟକ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି । ସମ୍ପୃକ୍ତ ଥାନାଗୁଡ଼ିକରୁ ଜବତ ସିଲିଣ୍ଡର ସି ବିଡ୍ ଥାନା ଅଂଚଳରୁ ୧୬ଟି ବଡ୍ ଏଲ୍‌ପିଜି ସିଲିଣ୍ଡର (କମର୍ସିଆଲ ଓ ଡୋମେଷ୍ଟିକ) ଏବଂ ୮ଟି ଛୋଟ ୫ ଲିଟରର ସିଲିଣ୍ଡର ଜବତ କରାଯାଇଛି । କାକେଲିସାହି ଥାନା ଅଂଚଳରୁ ୫ଟି ବଡ୍ ଏଲ୍‌ପିଜି ସିଲିଣ୍ଡର ଏବଂ ୨ଟି ୫ ଲିଟରର ଛୋଟ ସିଲିଣ୍ଡର ଜବତ କରାଯାଇଛି । ଟାଲନ ଥାନା ଅଂଚଳରୁ ୬ଟି ବଡ୍ ଏଲ୍‌ପିଜି ସିଲିଣ୍ଡର ଏବଂ ୧୫ଟି ୫ ଲିଟରର ଛୋଟ ସିଲିଣ୍ଡର ଜବତ କରାଯାଇଛି । କୁମ୍ଭାରପଡା ଥାନା ଅଂଚଳରୁ ୫ଟି ବଡ୍ ଏଲ୍‌ପିଜି ସିଲିଣ୍ଡର ଏବଂ ୧ଟି ୫ ଲିଟରର ଛୋଟ ସିଲିଣ୍ଡର ଜବତ କରାଯାଇଛି । ଏହି ଅଭିଯାନ ସମୟରେ ସହର ବିଭିନ୍ନ ଥାନା ଅଂଚଳରୁ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁତ କରି କଳାବଜାରୀ କରୁଥିବା ସନ୍ଦେହରେ ମୋଟ ୬ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ଏବଂ ସମ୍ପୃକ୍ତ ଘଟଣାରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ତଦନ୍ତ ଜାରି ରହିଛି । ପୁରୀ ପୋଲିସ ପକ୍ଷରୁ କୁହାଯାଇଛି ଯେ ଏଲ୍‌ପିଜି ସିଲିଣ୍ଡରର ବେଆଇନ ମଜୁତ, କଳାବଜାରୀ କିମ୍ବା ଅନୁମତି ବିନା ବ୍ୟବସାୟ କରିବା ଗୁରୁତର ଅପରାଧ ଓ ଏହା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ବହୁ ବିପଦ ସୃଷ୍ଟି କରିଥାଏ । ଏପରି କି । ଯାଂ ଏ କ ଜା ପ ବିରୋଧରେ ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ କଡା ଅଭିଯାନ ଜାରି ରଖିବ ବୋଲି ପୋଲିସ ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ହେଲେ ଏଠି ପ୍ରଶ୍ନ ଉଠୁଛି କି ଏଥା କଥିତ ଅନୁସାରେ କାଣୀ ବିରାଡ଼ିର କୁଡି ଅସରପା ଉପରେ ରାଗ ଲାଗିଥା ମନେ ହେଉଛି । କାଣ୍ଡ ପୋଲିସ ପ୍ରଶାସନ ବହୁ ବହିଆ ବିଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରେ ସଫଳ ହେଉ ନାହିଁ ସେଥିପାଇଁ ଛୋଟ ମୋଟ ଦୋକାନୀଙ୍କୁ ଧରି ସ୍ପଞ୍ଜ ମାଲ ଜବତ କରି ଫଟୋ ଉଠାଇ ଛାଡିଦେଲେ ଲୋକମାନେ ବିଶ୍ୱାସ କରିବେ କି ପୋଲିସ ସାଧାରଣ ଜନତାଙ୍କ ପାଇଁ ସଦାସର୍ବଦା କାର୍ଯ୍ୟରତ ରହିଛି । କାରଣ ଗୋଦାମ ଘରେ ଅଧିକ ମାଲ ପଡ଼ିରହିଛି ଏବଂ ବହୁ ବହ ବେପାରି ପ୍ରକୃତ କଳାବଜାରୀର ମୂଳ ଉତ୍ସ । ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କିମ୍ବା ଗୋଦାମରେ ଚଢ଼ାଉ କଲେ ସାଧାରଣ ଜନତା ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେଣୁ ପୋଲିସ ପ୍ରଶାସନ ଯଦି ବିନା ପକ୍ଷପାତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହେଲେ ସାଧାରଣ ଜନତା ଉପକୃତ ହେବେ ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି ।

ସାନଭାଇର ଆକ୍ରମଣରେ ବଡ଼ଭାଇ ଓ ବୃଦ୍ଧ ମାଆ ମୃତ

ନିଖିନ୍ତକୋଇଲି, ୧୩/୦୩ (ଆ.ପ୍ର) : କଟକ ଜିଲ୍ଲା ନିଖିନ୍ତକୋଇଲି ବ୍ଲକ ସାଲେପୁର ଥାନା ଅଧିନ ଫଟଗୋଲ ପ ାଯର ଫଟଗୋଲ ଗ୍ରାମରେ ତା.୧୩.୦୩.୨୦୨୬ରିଖ ଶୁକ୍ରବାର ଦିନ ଘଟିଯାଇଛି ଏକ ଅକାଳନନ୍ଦାୟ ଘଟଣା । ଜମିବାଡି ଜରିକିଜାଣି ନେଇ ଏଭଳି ଘଟଣା ଘଟିଥିବା ଜଣାଯାଇଛି । ଏହି ଗ୍ରାମର ସେଜ୍ ପପୁ ଏକ କାଠ ଫାଳିଆରେ ତାଙ୍କ ମାଆ କୁଲୁସୁମୁ ବିବି ଓ ବଡଭାଇ ସେଜ୍ ସମସେର ଅଲାଙ୍କୁ ହତ୍ୟା କରିଥିବା ନେଇ ସାଲେପୁର ଥାନାରେ ସମସେରଙ୍କ ପୁଅ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପୋଲିସ ପହଂଚିବାରୁ ଜବତ କରି ଅନୁସନ୍ଧାନକାରୀ ଦଳଙ୍କ ସହାୟତାରେ ତଦନ୍ତ କରି ହତ୍ୟାକାରୀ ପପୁଙ୍କ ସମେତ ଅନ୍ୟ ଜଣକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ଏ ସଂକ୍ରାନ୍ତରେ ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ସୂଚନାଥାଉଛି ଜମିବାଡ଼ି ଭାଗବ ାକୁ ନେଇ ଅନେକ ସମୟରେ ପରିବାର ମଧ୍ୟରେ ଝଗଡ଼ାଝଟି ହେଉଥିଲା । ମୃତ ସମିମ୍ ଏକ ଘର ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ ଏହାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ସାନଭାଇ ପପୁ ଏହାକୁ ବିରୋଧ କରିବାରୁ ଉତ୍ତେଜିତ ହୋଇଥିବା କାଠ ଫାଳିଆ ଓ କୋଦାଳ ଜବତ କରିଛି । ପୋଲିସ ପକ୍ଷରୁ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଦିଆଯାଇଛି । ଶବ ବ୍ୟବଚ୍ଛେଦ ପରେ ଏହି ମୃତ୍ୟୁ ଘଟଣାର ସତ୍ୟତଥ୍ୟ ଖୁବ୍ ଶୀଘ୍ର ପର୍ଯ୍ୟବେକ୍ଷଣ ହେବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

ଏମଏସଏମଇ ଉଦ୍ୟୋଗୀମାନଙ୍କ ପାଇଁ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜିତ

ଅନୁଗୋଳ, ୧୩/୦୩ (ଆ.ପ୍ର) :ରାଜ୍ୟ ଉଦ୍ୟୋଗ ବିଭାଗ ପ୍ରତିଷ୍ଠାନ ଦ୍ୱାରା Raising and Accelerating MSME Performance (RAMP) ଅଧୀନରେ ଅନୁଗୋଳ ଜିଲାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ପାଇଁ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ସ୍ଥାନୀୟ ବ୍ଲକ୍ ଜାତୀୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶିବାଶିଷ ଲାଙ୍ଗୁଡଗୋ Government e-Marketplace (GeM) ପରି ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ କିପରି ସରକାରୀ କ୍ରୟ ପ୍ରକ୍ରିୟାରେ ସହଜରେ ଅଂଶଗ୍ରହଣ କରି ପାରିବେ ଏବଂ ଦାଦନ ଦଳାଳ ସୁଯୋଗୁଳି ବିଲୋପ କରି ପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସରକାରୀ କ୍ରୟ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହନ କରିଥିଲେ । ଏହାଦ୍ୱାରା ଉଦ୍ୟୋଗୀମାନେ ରୋଜଗାରକ୍ଷମ ହେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିପାରିବେ ବୋଲି ସେ କହିଥିଲେ । ଏରର ପ୍ରଶିକ୍ଷଣ ସୁଧାଂଶୁ ପ୍ରଧାନ ଏହି ସରକାରୀ ପ୍ଲାଟଫର୍ମ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇବା ସହ ଆଧାର (ଜବଉଷବଦ) କିମ୍ବା (ଡରଗ) ମାଧ୍ୟମରେ ଦାଖଲ ପଞ୍ଜୀକରଣ ବ୍ୟାଙ୍କିଗତ ବିବରଣୀ ସମ୍ପୂର୍ଣ୍ଣ କରିବା, ଦ୍ରବ୍ୟ ଓ ସେବାର କ୍ୟାଟାଲଗ୍ ସୃଷ୍ଟି କରିବା ଏବଂ ବିଡ୍ ଓ ରିଭର୍ସ ଅକ୍ସନ୍‌ରେ ଅଂଶଗ୍ରହଣ କରିବା ଭଳି ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣ୍ଡରେ ଉଦ୍ୟୋଗୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ନିୟମ ଅଛି, କିନ୍ତୁ ପାଳନ କେଉଁଠି ? ଅତ୍ୟଧିକ ଶବ୍ଦ ଓ ଉଚ୍ଚତା–ଦୁର୍ଘଟଣାକୁ ଆମନ୍ତ୍ରଣ

ବାଲିଆପାଳ, ୧୩/୦୩ (ଆ.ପ୍ର) : ବିବାହ ଶୋଭାଯାତ୍ରା, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାଧାରଣ ସଭା ସମୟରେ କ୍ଷେତ୍ରଗୁଡ଼ାକ ଅଧିକାରୀମାନେ ଶବ୍ଦ ପ୍ରଦୂଷଣ ଉପରେ ନଜର ରଖାଯାଉନାହିଁ । ଶବ୍ଦ ପ୍ରଦୂଷଣ ନିୟମ ସଂକ୍ରାନ୍ତରେ ରାଜ୍ୟ ସରକାର ଏକାଧିକ ମାର୍ଗଦର୍ଶିକା ଜାରି କରିଥିବାବେଳେ ଏହାକୁ ଜାଁ ଜାଁ ପାଳନ କରାଯାଉଛି । କୌଣସି କ୍ଷେତ୍ରରେ ୬୫ ଡେସିବେଲରୁ ଅଧିକ ଶବ୍ଦକୁ ଅନୁମତି ନାହିଁ । ସ୍ଥାନୀୟ ଥାନା ତଥା ବାଲିଆପାଳ ପ୍ରଶାସନର ବିନାଅନୁମତିରେ କେହି ବି ଡିଜେ କିମ୍ବା ଉଚ୍ଚ ଶବ୍ଦଯୁକ୍ତ ମାଇକ୍ ବଜାଇ ପାରିବେ ନାହିଁ । ବେଳକ ଲିମିଟର ସହିତ କମ୍ କମ୍ ଶବ୍ଦଯୁକ୍ତ ଯନ୍ତ୍ରପାତିକୁ ଅନୁମତି ମିଳିଥାଏ । ନିୟମ ଲଙ୍ଘନକାରୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏନେଇ ବାଲିଆପାଳ ଥାନା ଅଧିକାରୀମାନଙ୍କୁ ବାୟୁ ଓ ଶବ୍ଦମାନ ଉପରେ ଦୃଷ୍ଟି ଦେବା ଜରୁରୀ । ଏହାଛଡ଼ା ଡିଜେ ଗାଡ଼ି ଗୁଡ଼ିକ ମଧ୍ୟ ଅଧିକ ଲମ୍ବା ଓ ଉଚ୍ଚତା ରହୁଛି । ଫଳରେ ରାସ୍ତାରେ ଗେ ଶୋଭାଯାତ୍ରାରେ ଯିବା ସମୟ ସମୟରେ ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଅନେକଙ୍କ ମୃତ୍ୟୁ ହେବା । ନଜର ରହିଛି । ଏ ଦିଗରେ ପରିବହନ ବିଭାଗର ମଧ୍ୟକାର୍ଯ୍ୟ ରହିଛି । ଫିଟ୍ନେସ, ପରମିସନ ଉପରେ କଡ଼ାକଡ଼ି ନିୟମ ପାଳନ କରାଯିବା ଦରକାର । ଲାହା ଅନୁମତିରେ ଡିଜେ ଗାଡ଼ି ଏଭଳି କରାଯାଉଛି । ଫିଟନେସ ସାଂଚ ହେଉଛି କି ନାହିଁ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି !ତେବେ ବାଲିଆପାଳ ବ୍ଲକ ରେ ସେମାନଙ୍କ ବେଆଇନ୍ ରାବେ ଡିଜେ, ସାଉଣ୍ଡ ବେପାର ଚାଲିଛି । ଏଠାରେ ପ୍ରଦୂଷଣ ଓ ଶବ୍ଦ ଉପରେ କିଛି ବି ଅଙ୍କୁଶ ଲାଗୁହେଉନାହିଁ ପ୍ରଶାସନ ସବୁ ଜାଣି ନିରବାଣ୍ଡ ରହିଛି । ଦେଖାଯାଉଛି, ବିଭିନ୍ନ ଉଚ୍ଚ ଶବ୍ଦଯୁକ୍ତ ଡିଜେ ବାଜୁଥିଲେ ମଧ୍ୟ ସେ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଡିଜେରୁ ବାହାରୁଥିବା ବିଜାତୀୟ ଯୁକ୍ତ ଶବ୍ଦ କରୟଷ୍ଟ ବ୍ୟକ୍ତି, ଦୁର୍ବଳ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଡାକ୍ତର୍ ବାଣ୍ଡୁ ପ୍ରଦୂଷଣ ମଧ୍ୟ ହେଉଛି ପର୍ଯ୍ୟବେକ୍ଷଣୀ ସମୟରେ ସର୍ବସାଧାରଣ ଆଇନ୍ ଜଡ଼ାକଡ଼ି କରିବା ବାଧ୍ୟତାମୂଳକ ଉଚ୍ଚ ଶବ୍ଦଯୁକ୍ତ ଯେକୌଣସି ଜନ କର୍ତ୍ତୃପକ୍ଷଙ୍କ ଦିନାଅନୁମତିରେ ବାଜି ପାରିବନାହିଁ । ଛେଲେ ଦିନଲୁ ଦିନ ସର୍ବସାଧାଣ ସ୍ଥାନରେ ଏହି ବେଆଇନ୍ ଶବ୍ଦ ପ୍ରଦୂଷଣ ହେଉଥିବେ ହେଁ ଅଭିଯୋଗ କଲେ କେହି ଶୁଣୁନାହାନ୍ତି । ତଦନୁଯାୟୀ ଜିଲ୍ଲାପାଳ ଓ ଏସପି ଏଡିଗରେ ଠିକଣା ପଦକ୍ଷେପ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ପ୍ରଶାସନର ତାଗିଦ୍‌କୁ ଶୁଣୁ ନାହାନ୍ତି ବେପାରୀ

ଝାରସୁଗୁଡ଼ା, ୧୩/୦୩ (ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଜାରାଜବିତ୍ତାଦ୍ଧରେ ଲସ୍ତାଏଲ୍ ଏବଂ ଆମେରିକା ଲଗାତାର ଆକ୍ରମଣ ଫଳରେ ବିଶ୍ୱର ଅନେକଗୁଡ଼ିଏ ରାଷ୍ଟ୍ରରେ ପେଟ୍ରୋଲିୟମ ଜାତ ସାମଗ୍ରୀ ସଙ୍କଟ ଦେଖାଯାଇଛି । ପେଟ୍ରୋଲ ଏବଂ ଡିଜେଲ କିଣା-ବିକା ନେଇ ଅସୁବିଧା ଦେଖାଯାଇ ନଥିବା ବେଳେ ଏଲ୍‌ପିଜି ଗ୍ୟାସ୍ ଅସୁବିଧା ଦେଖାଯାଉଛି । ଫଳରେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ରାସ୍ତାକଡ଼ରେ ଥିବା ଦେକାନଜରେ ଖାଇବା ଦର ବଢ଼ିଚାଲିଛି । ଘରୋଇ ଗ୍ୟାସ ସଙ୍କଟ ମଧ୍ୟରେ ଚୋରା ବେପାରୀ ଏଥିରୁ ଲାଭ ଉଠାଇଛନ୍ତି । ଏଲ୍‌ପିଜି ଗ୍ୟାସ୍ ଦର ଚୋରା ଦର ବ୍ୟାପକ ଭାବେ ବଢ଼ିଚାଲିଛି । ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୋରାରେ ଗ୍ୟାସ ସିଲିଣ୍ଡର ୧୦୦୦ ଟଙ୍କାରେ ମିଳୁଥିବା ବେଳେ ଏବେ ହାଇ ଦର ୧୫୦୦ରୁ ୨୦୦୦ ଟଙ୍କାରେ ବିକ୍ରୁଛନ୍ତି । ସରକାରଙ୍କ ତାଗିଦ ପରେ ମଧ୍ୟ ଚୋରା ବେପାରୀମାନେ ନିଜର କଳାକାମ ଜାରି ରଖିଛନ୍ତି । ପ୍ରଶାସନର ଚଢ଼ାଉକୁ ବେପାରୀମାନେ ଖାତିର କରୁନାହାନ୍ତି । ବେଆଇନ ଭାବେ ଗଚ୍ଛିତ କରାଯାଇଥିବା ୯୨ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି ଯୋଗାଣ ବିଭାଗ । ୨୮ଟି ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ସହ ଗୋଟିଏ ବ୍ୟବସାୟିକ ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗର ଏହି ଚଢ଼ାଉ କରାଯାଇଛି । ଦେହେରାମାଲ ଛକ ନିକଟରେ ଥିବା ସାହୁ ଗ୍ୟାସ୍ ସର୍ଭିସରେ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ସିଲିଣ୍ଡର ଜବତ କରି ନିଜ ହେପାଜତକୁ ନେଇଛି ଯୋଗାଣ ବିଭାଗ ।

ବିପୁଳ ପରିମାଣର ଗଞ୍ଜେଇ ସହ କାର୍-ବାଇକ ଜବତ, ୨ଗିରଫ

ବ୍ରହ୍ମରାଜନଗର, ୧୩/୦୩ (ଆ.ପ୍ର) : ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ଅଂଶ ଭାବରେ ବ୍ରହ୍ମରାଜନଗର ପୁଲିସ ଏକ ବଡ଼ ସଫଳତା ମିଳିଛି । ପୁଲିସ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଏକ ରାକେଟକୁ ଧରିବାରେ ସଫଳ ହୋଇଛି । ଆଜି ବ୍ରହ୍ମରାଜନଗର ଥାନା ପରିସରରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏକପ୍ରେସ୍ ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ବ୍ରହ୍ମରାଜନଗର ଥାନା ଅନ୍ତର୍ଗତ ଲଳକୁରାର ଅମରନାଥ ଦ୍ୱିବେଦୀ (୨୬) ଓ ଦୌହଡ଼ିଜଲି କମିରାର ଶ୍ରୀକାନ୍ତ ଦାସ (୪୨) । ସେମାନଙ୍କ ଠାରୁ ୬୨ କିଲୋ ୬୦ ଗ୍ରାମ ନିଷିଦ୍ଧ ଗଞ୍ଜେଇ, ଗୋଟିଏ ସ୍କୁଟି (ଓଡ଼ି ୨୩ ୟୁ ୧୧୦୬), ଗୋଟିଏ ମୋବାଇଲ୍ ଫୋନ୍ ଗୋଟିଏ କାଇ(ଓଡ଼ି ୦୨ ଏ ଡ଼ି ୮୬୦୧) ଓ ନଗଦ ଟଙ୍କା ୧୪,୦୫୦ ଟଙ୍କା ଜବତ କରିଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ଓ ଗଞ୍ଜେଇ ଚାଲାଣର ଲିଙ୍କକୁ ପୁଲିସ ଖୋଜୁଛି ବୋଲି ଏସପି ଗୁଣ୍ଡାଲାମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମରାଜନଗର ଏସ୍‌ଡ଼ିପି ଓ ଚିରାମଣି ପ୍ରଧାନ, ବ୍ରହ୍ମରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ବନହର ପାଲି ଆଇଆଇସି ସି ଅଧିକାରୀ ରଞ୍ଜିତ ନାୟକ ଉପସ୍ଥିତ ଥିଲେ ।

ବନମାଳିପୁର ପଂଚୁ ଦୋଲ ଯାତ୍ରା ଓ ମହୋତ୍ସବ ତୃତୀୟ ସନ୍ଧ୍ୟା ମୟୁରଭଞ୍ଜର ଛଉ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

ଖଣ୍ଡପଡ଼ା, ୧୩/୦୩ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପ୍ରସିଦ୍ଧ ପଂଚୁ ଦୋଲ ଯାତ୍ରା ଓ ମହୋତ୍ସବ ବୁଧବାର ତୃତୀୟ ସନ୍ଧ୍ୟା ଖୁବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଗାଳ୍ପ ବିଜେପି ଯୁବ ସଭାପତି ଅଭିନାଷ ପଣ୍ଡା ଏବଂ ଆଇନଜୀବୀ ତଥା ବିଧାନ ଚନ୍ଦ୍ର ପ୍ରଧାନ ଯୋଗଦେଇ ମହୋତ୍ସବ ତୃତୀୟ ସନ୍ଧ୍ୟାକୁ ଉଦଯାପନ କରିଥିଲେ । ଭାରତାରା ବଂଟି ରହିଲେ ମହୋତ୍ସବ ଆଗକୁ ବଢ଼ି ପାରିବ ବ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ ଯୋଜନାର ପୁନର୍ଗଠନ

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ଅଲିମ୍ପିକ୍ସ ପୋଡିୟମ୍‌ରେ ଅଧିକରୁ ଅଧିକ ଭାରତୀୟ ଖେଳାଳିଙ୍କୁ ଛିଡ଼ା କରାଇବାର ମହତ୍ତାକାଂକ୍ଷୀ ଲକ୍ଷ୍ୟ ନେଇ ଭାରତ ସରକାର ଆରମ୍ଭ କରିଥିବା ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ (ଟପ୍) ଯୋଜନାର ପୁନର୍ଗଠନ ହୋଇଛି । ନିୟମିତ ଭାବେ ଭଲ ପ୍ରଦର୍ଶନ କରି ଆସୁଥିବା ବହୁ ଉଦୀୟମାନ ଓ ପ୍ରତିଭାବାନ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଥିବା ବେଳେ ଖରାପ ପ୍ରଦର୍ଶନ କରି ଆସୁଥିବା ଅନେକ ଖେଳାଳିଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ନୂଆ ତାଲିକାରେ ସାମିଲ ହୋଇଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ପିସ୍ତଲ ସୁଟର ସମ୍ରାଟ ରାଣା, ସୁରୁଚି ସିଂହ, ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟୀ ଲମ୍ବଫୁର ଧାବକ ଗୁଲବୀର ସିଂହ ଏବଂ ବିଶ୍ୱ ଚାମ୍ପିଅନ୍ ପାରା ବ୍ୟାଡ୍‌ମିଂଟନ୍ ତାରକା ତଥା ଓଡ଼ିଶା ପୁଅ ପ୍ରମୋଦ ଭଗତ ପ୍ରମୁଖ । ଖେଳାଳିଙ୍କ ପ୍ରଦର୍ଶନର ସମୀକ୍ଷା ପରେ ମୋଟ ୮ଜଣ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଛି । ତାଲିକାରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ବ୍ୟାଡ୍‌ମିଂଟନ୍ ତାରକା ଏଚ୍.ଏସ୍ ପ୍ରଣୟ, ପୂର୍ବତନ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ରାଜେଶ୍ୱର୍ ସୁଟର ବିଦ୍ୟାଂଶୁ ପନ୍ୱାର

ଏବଂ କୁସ୍ତି ଯୋଦ୍ଧା ଦୀପକ ପୁନିଆ ପ୍ରମୁଖ । ଟପ୍ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍.ଏସ୍ ଜୋହଲଙ୍କ ଅଧ୍ୟକ୍ଷତାରେ ମିସନ୍ ଅଲିମ୍ପିକ୍ସ ସେଲ୍‌ର ୧୬୯ତମ ସୀମାକ୍ଷ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସମ୍ରାଟ ଗତବର୍ଷ ୧୦ ମିଟର ଏୟାର ପିସ୍ତଲରେ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ । ସୁରୁଚି ଲଗାତାର ତାରିଖି ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଅନ୍ୟପକ୍ଷରେ ପ୍ରମୋ[illegible] ଚଳିବର୍ଷର ପ୍ରାରମ୍ଭରେ ନିଜ ଷଷ୍ଠ ବିଶ୍ୱ ଚାମ୍ପିଅନ୍‌ସିପ୍ ଟ୍ରଫି ଜିତିଥିଲେ । ୩୭ବର୍ଷୀୟ ପ୍ରମୋଦ ଜଣେ ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ହୋଇଥିଲା ବେଳେ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ତିନି ବର୍ଷ ବାସର ଛେଦା ପରେ ଗତବର୍ଷ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପାରା ବ୍ୟାଡ୍‌ମିଂଟନ୍ କୋର୍ଟକୁ ଫେରିଥିଲେ । ଏହି ଯୋଜନାରେ ସାମିଲ ହୋଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଏସୀୟ ରୌପ୍ୟ ପଦକ ବିଜେତା ରାଇଫଲ୍ ସୁଟର ନୀରଜ କୁମାର ଆଦି, ମିଶ୍ରିତ ଯୁଗଳ ବ୍ୟାଡ୍‌ମିଂଟନ୍ ଯୋଡ଼ି ତନୀଷା କ୍ରାଷ୍ଟୋ, ଧ୍ରୁବ କପିଳା, ଦକ୍ଷର ଜର୍ମିନ ଲାୟାରିଆ । ମୋଟ ଉପରେ ଏହି ଯୋଜନାରେ ଏବେ ୫୬ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେହିଭଳି ବଢ଼ିଂ ବିକାଶ ଯୋଜନାରେ ୧୪ଜଣ ମହିଳାଙ୍କ ସହ ୨୨ଜଣଙ୍କୁ ନିଆଯାଇଛି । ସେହିଭଳି ଗୁଳି ବିକାଶ ଯୋଜନାରେ ଥିବା ଖେଳାଳିଙ୍କ ସଂଖ୍ୟା ୧୩୦କୁ ବଢ଼ିଛି । ଟପ୍ ଯୋଜନାରେ ଖେଳାଳିମାନେ ମାସିକ ୫୦,୦୦୦ ଟଙ୍କାର ଭତା ସହ ବିଦେଶରେ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର ଅତିରିକ୍ତ ଭତା ପାଇଥା'ନ୍ତି । ସେହିଭଳି ବିକାଶ ଯୋଜନାରେ ସାମିଲ ଥିବା ଖେଳାଳିମାନେ ମାସିକ ୨୫,୦୦୦ ଟଙ୍କାର ଭତା ସହ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର [illegible]

ଏହା ଧୋନିଙ୍କ ଶେଷ ଆଇପିଏଲ୍ ଋତୁ ହୋଇପାରେ: ପଠାନ

ବେଙ୍ଗାଲୁରୁ, ୧୩/୩(ନ୍ୟୁ.ଏ): ମହେନ୍ଦ୍ର ସିଂ ଧୋନିଙ୍କ ବିନା ଆଇପିଏଲର କଳ୍ପନା କରିବା ସମ୍ଭବ ନୁହେଁ । କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ଜଳଦିଆ ଜର୍ସିରେ ଦେଖିବାକୁ ପାଇବା' ଏପରି ପୂର୍ବାନୁମାନ କରିଛନ୍ତି ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ । ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ସେ କହିଛନ୍ତି, "ଧୋନିଙ୍କ ବିନା ଟେନ୍ସାର ସୁପରଲିଗଟି ଅସମ୍ପୂର୍ଣ୍ଣ । କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ଜଳଦିଆ ଜର୍ସିରେ ଦେଖିବାକୁ ପାଇବା । ତାଙ୍କ ବିନା ସିଏସକେ ଓ ଆଇପିଏଲ୍‌ର ପରିକଳ୍ପନା କରିବା ସମ୍ଭବ ନୁହେଁ । ତେବେ ଚଳିତ ଋତୁରେ ସେ ସମ୍ପନ୍ନଙ୍କୁ ଏକାଠି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ତେବେ ସେ କେତୋଟି

ମ୍ୟାଚ୍ ଖେଳିବେ ତାହା କହିହେବ ନାହିଁ, କିନ୍ତୁ ଫ୍ରେଞ୍ଚାଇଜ୍‌ରେ ତାଙ୍କ ଉପସ୍ଥିତି ହିଁ ବହୁତ ଅନେକ ସହାୟକ ହେବ'' । ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କର ଫିଟ୍‌ନେସ୍, ବ୍ୟାଟିଂ ସ୍ଥାନ, ସେ କେତୋଟି ମ୍ୟାଚ୍ ଖେଳିବେ ତାହା ଆଗକୁ ଜଣାପଡ଼ିବ । ସେ ସମ୍ପର୍କରେ ବହ ପରିଚାଳନା ପର୍ଯ୍ୟାୟଭୁକ୍ତମେ ନିଷ୍ପତ୍ତି ନେବ । କିନ୍ତୁ ସିଏସକେ ତାଙ୍କୁ ଏକ ଚମତ୍କାର ବିଦାୟ ଜଣାଇବା ନିଶ୍ଚିତ । ୪୪ ବର୍ଷୀୟ ଧୋନିଙ୍କ ଏହା ହେଉଛି ୧୯ତମ ଆଇପିଏଲ୍ ଋତୁ । ଆଇପିଏଲରେ ସେ ୨୭୮ଟି ମ୍ୟାଚ୍ ଖେଳି ୫୪୩୯ ରନ୍ କରିଥିବାବେଳେ ଓ୍ୱିକେଟ୍ ପଛରେ ୨୦୦କୁ ଅଧିକ କ୍ୟାଚ୍ ନେଇଛନ୍ତି ।

ଇରାନ ବିରୋଧରେ ଆମେରିକାର 'ଲେଜର' ଆକ୍ରମଣ

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ନୂଆ ମୋଡ଼ ନେଇଛି । ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଇରାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆମେରିକା ଏବେ ଅତ୍ୟାଧୁନିକ 'ଲେଜର ଅସ୍ତ୍ର'ର ବ୍ୟବହାର କରୁଛି । ଇରାନ ଦ୍ୱାରା ପଠାଯାଉଥିବା ଶତ୍ରୁ 'ଷାହେଦ୍' ଡ୍ରୋନଗୁଡ଼ିକୁ ଆକାଶରେ ହିଁ ଭସ୍ମ କରିବା ପାଇଁ ଆମେରିକା ନିଜର ଶକ୍ତିଶାଳୀ ଲେଜର ସିଷ୍ଟମ ପ୍ରୟୋଗ କରୁଛି । ପୂର୍ବରୁ ଗୋଟିଏ ସାଧାରଣ ଡ୍ରୋନକୁ ଖସାଇବା ପାଇଁ ଆମେରିକାକୁ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ପ୍ୟାଟ୍ରିଅଟ୍ ମିସାଇଲ ବ୍ୟବହାର କରିବାକୁ ପଡୁଥିଲା, ଯାହା ଆର୍ଥିକ ଦୃଷ୍ଟିରୁ ବହୁତ ବ୍ୟୟବହୁଳ ଥିଲା । ମାତ୍ର ଏହି ନୂତନ ଲେଜର ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ମାତ୍ର କିଛି ଡଲାର ଖର୍ଚ୍ଚ କରି ଶତ୍ରୁର ଡ୍ରୋନକୁ ନଷ୍ଟ କରାଯାଇପାରୁଛି । ଲେଜର ରଶ୍ମି ଅଦୃଶ୍ୟ ଭାବେ ଶତ୍ରୁର ଲକ୍ଷ୍ୟଭେଦ କରିବାରେ ସକ୍ଷମ । ଏହା ଆଲୋକର ବେଗରେ ଗତି କରି ଡ୍ରୋନର ଇଞ୍ଜିନ ବା ସେନ୍ସରକୁ କ୍ଷଣିକ ମଧ୍ୟରେ ଜଳାଇ ଦେଇଛି । ବିଶେଷଜ୍ଞଙ୍କ ମତରେ, ଇରାନର ଆମେରିକାର ମିସାଇଲ ଲଞ୍ଚର ଶେଷ କରିବା ଉଦ୍ଦେଶ୍ୟରେ ରୋକିବା ପାଇଁ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ । ଇରାନର ରାଜଧାନୀ ତେହେରାନରେ ବାର୍ଷିକ 'ଅନ୍‌କୁଡସ୍ ଦିବସ' ବା ଜେରୁଜେଲମ ଦିବସ ପାଳିତ ହୋଇଯାଇଛି । ଆମେରିକା ଏବଂ ଇସ୍ରାଏଲ ସହିତ ଇରାନର ବଢୁଥିବା ସଂଘର୍ଷ ମଧ୍ୟରେ ଏହି ବିରୋଧ ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି । ହଜାର ହଜାର ସଂଖ୍ୟାରେ ଇରାନୀୟ ନାଗରିକ ରାଜପଥକୁ ଓହ୍ଲାଇ ଇସ୍ରାଏଲ ବିରୋଧୀ ସ୍ଲୋଗାନ ଦେବା ସହ ପାରେଷ୍ଟାଇନ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି । ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଏହି ବିଶାଳ ପଦଯାତ୍ରା ପାଶ୍ଚାତ୍ୟ ଶକ୍ତିଙ୍କୁ ଏକ ଶକ୍ତ ବାର୍ତ୍ତା ଦେଇଛି । ବି କ୍ଷୋଭକାରୀମାନେ ଜେରୁଜେଲମକୁ ମୁକ୍ତ କରିବା ପାଇଁ ଦାବି କରିବା ସହ ଆଂଚଳିକ ସୁରକ୍ଷା କ୍ଷେତ୍ରରେ ଇରାନର ଅଗ୍ରାଧିକାରକୁ ସ୍ପଷ୍ଟ କରିଛନ୍ତି । ଜେବାନନ୍ ?ରେ ହିଜବୁଲ୍ଲାର ଶକ୍ତି କେନ୍ଦ୍ର ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ । ହିଜବୁଲ୍ଲା ବିରୋଧରେ ଇସ୍ରାଏଲ ଏବେ ଆରମ୍ଭ କରିଛି 'ନିର୍ଣ୍ଣାୟକ ଯୁଦ୍ଧ' । ଇରାନର ସର୍ବୋଚ୍ଚ ନେତା ଆଲି ଖାମେନେଇଙ୍କ ମୃତ୍ୟୁ ପରେ ହିଜବୁଲ୍ଲା ପକ୍ଷରୁ ହୋଇଥିବା ରକେଟ ମାଡ଼ର ଜବାବରେ ଇସ୍ରାଏଲ ସେନା ଜେବାନନ୍‌ର ଦକ୍ଷିଣ ସହରକୁ ନିୟନ୍ତ୍ରଣକୁ ନେବା ସହ ବ୍ୟାପକ ବୋମାବର୍ଷଣ କରୁଛି ।

ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବା ଲାଗି ସଂସଦରେ ୧୯୩ ବିରୋଧୀ ସାଂସଦଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ବିରୋଧୀ ସାଂସଦଙ୍କ ପକ୍ଷରୁ ସଂସଦରେ ନୋଟିସ ଦିଆଯାଇଛି । ଉଭୟ ଲୋକସଭା ଓ ରାଜ୍ୟସଭାରେ ଦିଆଯାଇଥିବା ନୋଟିସରେ ଉଭୟ ଗୃହର ୧୯୩ ଜଣ ସାଂସଦ ସ୍ୱାକ୍ଷର କରିଛନ୍ତି । ଏକଜଣ ଘଟଣା ପ୍ରଥମ ହୋଇଥିବାରୁ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । କୃଷ୍ଣମୂଳ କଂଗ୍ରେସ- ଟିଏମସି ନେତୃତ୍ୱରେ ଦିଆଯାଇଥିବା ଏହି ନୋଟିସରେ ଲୋକସଭାର ୧୩୦ ଓ ରାଜ୍ୟସଭାର ୬୩ ଜଣ ସାଂସଦ ସ୍ୱାକ୍ଷର କରିଛନ୍ତି । ଏସଆଇଆର ବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ସମୟରେ ପକ୍ଷପାତିତା ଆଦି ତ୍ରୁଟି ଅଭିଯୋଗ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ କରାଯାଇଛି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିଜେପିକୁ ସୁବିଧାରେ ଲାଗି କାମ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି । ତେବେଇ ସ୍ୱାଧୀନ ସାଂସଦ ନୋଟିସରେ ଦସ୍ତଖତ କରିଥିବା ଦେବେ ଆମ୍ ଆଦମୀ ପାର୍ଟି ସମେତ ଆଉ କିଛି ସ୍ୱାଧୀନ ସାଂସଦ ସମର୍ଥନ କରିବେ ବୋଲି କହିଛନ୍ତି । ଏହାକୁ ଶାସକ ବିଜେପି ସମାଲୋଚନା

କରିଛି । କୌଣସି ପ୍ରସଙ୍ଗ ନପାଇ ବିରୋଧୀ ଏପରି କରୁଥିବା ବିଜେପି ନେତା କହିଛନ୍ତି । ପଶ୍ଚିମବଙ୍ଗରେ ଏସଆଇଆର ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଚାଲିଛି । ଏହି ନୋଟିସ୍ ମୁଖ୍ୟ ନିର୍ବାଚନ କମିସନର ନା ସୁପ୍ରିମକୋର୍ଟଙ୍କ ବିରୋଧରେ ? ବୋଲି ପ୍ରଶ୍ନ କରିଛି ବିଜେପି । ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବା ପାଇଁ ମହାଭିଯୋଗ ଅଣାଯିବା ପ୍ରଥମ ଘଟଣା । ଜଣେ ବିରୋଧୀ ଦଳ ନେତା କହିଛନ୍ତି ଯେ ସାଂସଦମାନେ ନୋଟିସରେ ସ୍ୱାକ୍ଷର କରିବାରେ ପ୍ରବଳ ଉତ୍ସାହ ଦେଖାଇଥିଲେ, ଆବଶ୍ୟକ ସଂଖ୍ୟା ପରେ ମଧ୍ୟ ଅନେକ ସାଂସଦ ସେମାନଙ୍କର ସ୍ୱାକ୍ଷର ଯୋଡିବାକୁ ଆଗେଇ ଆସିଥିଲେ । ସଂସଦୀୟ ନିୟମ ଅନୁଯାୟୀ, ଲୋକସଭାରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବହିଷ୍କାର କରିବା ପାଇଁ ପାଇଁ ସର୍ବନିମ୍ନ ୧୦୦ ଜଣ ସାଂସଦଙ୍କ ନୋଟିସରେ ସ୍ୱାକ୍ଷର କରିବାକୁ ପଡିବ, ଯେତେବେଳେ ରାଜ୍ୟସଭାରେ ଅତି କମରେ ୫୦ଜଣ ସାଂସଦଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ । ଅନ୍ୟ ଏକ ସୂତନା ଅନୁସାରେ, ଇଣ୍ଡିଆ ବ୍ଲକର ସମସ୍ତ ଦଳର ସଦସ୍ୟମାନେ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି । ଏହା ବ୍ୟତୀତ ଆମ୍ ଆଦମୀ ପାର୍ଟିର ସାଂସଦମାନେ ମଧ୍ୟ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି । ହେଲେ ପାର୍ଟି ଏବେ ଅଫିସିଆଲି ଭାବେ ଏଗାହି ମେଂଟରେ ସାମିଲ ହୋଇ ନାହିଁ । ଏହା ପ୍ରଥମ ଥର ଯେତେବେଳେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବହିଷ୍କାର କରିବା ପାଇଁ ନୋଟିସ୍ ଦାଖଲ କରାଯାଇଛି । ଏକ ଜଣପଦସ୍ଥ ସୂତ୍ର ଅନୁଯାୟୀ, ନୋଟିସରେ ସିଡିସିଙ୍କ ବିରୁଦ୍ଧରେ ସାତଟି ଅଭିଯୋଗ ତାଲିକାଭୁକ୍ତ କରାଯାଇଛି, ଯେଉଁଥିରେ ' ପଦରେ ରହି ପକ୍ଷପାତିତା ଏବଂ ଲେବଭାବପୂର୍ଣ୍ଣ ଆଚରଣ ', ' ନିର୍ବାଚନୀ ଜାଲିଆତିର ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରିବା' ଏବଂ 'ବଡ଼ ସ୍ତରରେ ଭୋଟରଙ୍କୁ ଭୋଟଦାନରୁ ବଂଚିତ କରିବା' ଭଳି ଅଭିଯୋଗ ଅନ୍ତର୍ଭୁକ୍ତ ।

ଅବ୍ରାର ମାମଲାରେ ବିସିସିଆଇ ହସ୍ତକ୍ଷେପ କରିବନି

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ବି ହଣ୍ଡ୍ରେଡ୍ ନିଲାମରେ ସନରାଇଜର୍ସ ଲିଡ୍ ଅବରାର ଅହମ୍ମଦଙ୍କ ପାଇଁ ନିଲାମ କରିଥିଲା । ସନରାଇଜର୍ସ ଲିଡ୍ ୨ କୋଟିରୁ ଅଧିକ ଟଙ୍କାରେ ଅବରାରଙ୍କୁ ତାଙ୍କ ଦଳରେ ସାମିଲ କରିଥିଲା । ଆଗାମୀ ସିଜନ ପାଇଁ ଅବରାରଙ୍କୁ କିଣିବା ପାଇଁ ପ୍ରଶଂସକମାନେ ଦଳର ମାଲିକ କାବ୍ୟା ମାରାନଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି । ତେବେ, ଆସନ୍ତୁ ଜାଣିବା ଅବରାର ଅହମ୍ମଦ କିଏ, ଯିଏ ଭାରତରେ ହଚଚଳ ସୃଷ୍ଟି କରିଛନ୍ତି । ଅବରାର ଅହମ୍ମଦ ଜଣେ ଯୁବ ପାକିସ୍ତାନୀ ଲେଗ୍-ସ୍ପିନର । କରାଚୀର ମୂଳ ବାସିନ୍ଦା ଅବରାର ୨୦୨୨ ମସିହାରେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ । ତାଙ୍କର ୪ ବର୍ଷର



କ୍ୟାରିୟରରେ ପାକିସ୍ତାନ ପାଇଁ ୧୦ ଟେଷ୍ଟ, ୧୫ ଦିନିକିଆ ଏବଂ ୩୮ ଟି-ମ୍ୟାଚ୍ ଖେଳିଛନ୍ତି । ଏହି ମ୍ୟାଚ୍ ଗୁଡ଼ିକରେ ଅବରାର ଟେଷ୍ଟରେ ୪୬, ଦିନିକିଆରେ ୨୮ ଏବଂ ଟି-୨୦ରେ ୫୨ ଉିକେଟ୍ ନେଇଛନ୍ତି । ଅବରାରଙ୍କୁ ପାକିସ୍ତାନ ପାଇଁ ଜଣେ ଅଷ୍ଟାରୀୟ ସ୍ପିନ୍ ବୋଲର ଭାବରେ ବିବେଚନା କରାଯାଏ । ପାକିସ୍ତାନୀ କ୍ରିକେଟର ଅବରାର ଅହମ୍ମଦଙ୍କୁ ନେଇ ଭାରତରେ ହଚଚଳ ସୃଷ୍ଟି ହୋଇଛି । ବି ହଣ୍ଡ୍ରେଡ୍ ଟୁର୍ଣ୍ଣାମେଂଟରେ ୪ଟି ଦଳ ଭାରତୀୟଙ୍କ ମାଲିକାନାରେ ଅଛି । ଆଗାମୀ ସିଜନ ପୂର୍ବରୁ କୁହାଯାଉଥିଲା ଯେ, ଏହି ଦଳଗୁଡ଼ିକ ବି ହଣ୍ଡ୍ରେଡ୍‌ରେ ପାକିସ୍ତାନୀ ଖେଳାଳିମାନଙ୍କୁ ବୟକଟ କରିବେ । କିନ୍ତୁ, ଯେତେବେଳେ କାବ୍ୟା ମାରାନ୍ ନିଲାମରେ ଅବରାର ଅହମ୍ମଦଙ୍କୁ କିଣିଲେ ଏହାକୁ ନେଇ ପ୍ରଶଂସକମାନେ ଖୁସି ହୋଇଗଲେ । ଏହା ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦର ମାଲିକ କାବ୍ୟାଙ୍କୁ ସମ୍ମାନୋତ୍ତମ କରିଛି । ଅବରାର ଅହମ୍ମଦଙ୍କ ସମ୍ପତ୍ତି ବିଷୟରେ ଜେଣିବା ସମ୍ଭାବୀ ତଥ୍ୟ ନାହିଁ, କିନ୍ତୁ ବିଭିନ୍ନ କ୍ରୀଡ଼ା ଓ୍ୱେବସାଇଟ୍ ଏହି ପାକିସ୍ତାନୀ କ୍ରିକେଟରଙ୍କ ସମ୍ପତ୍ତି ପ୍ରାୟ ୯ କୋଟି ବୋଲି ଆକଳନ କରନ୍ତି ।

ବିଶ୍ୱ ପାରା ଆଥଲେଟିକ୍ସ: ସୁମିତ ଅନ୍ତିଲଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୧୩/୩(ନ୍ୟୁ.ଏ): ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ପୁଣି ଥରେ ଚମକିଛନ୍ତି ଭାରତୀୟ ଆଥଲେଟ୍ । ଦୁଇ ଦୁଇ ଥର ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଅନ୍ତିଲ ନିଜର ପାରଦର୍ଶିତା ଦେଖାଇ ଦେଶ ପାଇଁ ଗୌରବ ଆଣିଛନ୍ତି । ଗୁରୁବାର ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ (ଇ୪୩, ଇ୪୪, ଇ୬୪) ବର୍ଗରେ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଟୋକିଓ ଓ ପାରିସ୍ ପାରାଲିମ୍ପିକ୍ସର ସୂନା ପୁଅ ସୁମିତ ଅନ୍ତିଲ ୬୯.୨୫ ମିଟର ଦୂରତାକୁ ଭାଲା ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ବର୍ଗରେ ରାଗର ବ୍ଲିନ୍ ସୁଲପ୍ ରୌପ୍ୟ କରିଥିବା ବେଳେ ପୁଷ୍ପେନ୍ଦ୍ର ସିଂ ୫୬.୯୧ ମିଟର ସହ ରୌପ୍ୟ ପଦକ, ପୂନମ ରାମ ୪୯.୪୮ ମିଟର ସହ କାଂସ୍ୟ



ପଦକ, ୪୦୦ ମିଟର ଦୌଡ଼ରେ ରାଜସ୍ଥର ଏଳନ୍ତର୍ଦ୍ର ଅଧିପତ୍ୟ । କେବଳ ଜାଭେଲିନ୍ ନୁହେଁ, ଟ୍ରାକ୍ ଇଭେଂଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । T13 ବର୍ଗରେ ସୁରେଶ ଇଟ (୫୧.୮୮ ସେକେଣ୍ଡ) ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରିୟାଂଶୁ କୌଶିକ ରୌପ୍ୟ ଓ ଅବନିଲ କୁମାର କାଂସ୍ୟ ପଦକ ଜୟଲାଭ କରିଛନ୍ତି । T46-T47 ବର୍ଗରେ ଭାଲିକ କୁମାର ଦାନ ଇରଓ୍ୱାଡ୍ (୪୯.୮୯ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତି ଦେଶର ନାଁ ରଖିଛନ୍ତି । ହୁଇଲ୍ ଚେୟାର (T53-T54) ବର୍ଗରେ ମନୋଜ କୁମାର ସବପତି ୫୪.୩୩ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅଜିତ କୁମାରଙ୍କୁ ରୌପ୍ୟ ଓ ମଣିକଣ୍ଠନ ଜୋଥାଙ୍କୁ କାଂସ୍ୟ ପଦକ ମିଳିଛି । ମହିଳା ଆଥଲେଟମାନେ ବି ପଛରେ ରହିନାହାନ୍ତି । ୪୦୦ ମିଟର (T11-T12) ଦୌଡ଼ରେ ଡେଭିଲବେନ ଅମରାଜୀ ଜାମୋର ୫୭.୫୩ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ଜିତିଛନ୍ତି । ଏହି ଇଭେଂଟରେ କଳିଙ୍ଗା ଜିନାଲ ଓ ଶାଳିନୀ ଚୌଧୁରୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଭାରତ ପାଇଁ ପୋଡିୟମ୍ ସୁରକ୍ଷିତ କରିଛନ୍ତି । ଅନ୍ୟପଟେ ଡିସକସ୍ ଥ୍ରୋରେ ଲକ୍ଷ୍ମୀ ୭.୭୬ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତି ନିଜର ପକ୍ଷତା ପ୍ରମାଣିତ କରିଛନ୍ତି ।

ମଧ୍ୟ ପ୍ରାଚ୍ୟରେ ଜାରି ଯୁଦ୍ଧ ମଧ୍ୟରେ ଓମାନରେ ଦୁଇ ଭାରତୀୟଙ୍କ ମୃତ୍ୟୁ , ୧୦ ଆହତ

ମସ୍କଟ, ୧୩/୩(ନ୍ୟୁ.ଏ): ଓମାନର ଲଣ୍ଡଣ୍ଡିଆଲ ଏରିଆରେ ହୋଇ ଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ